Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 241
Sunday, 8 November 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୮ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



କେନ୍ଦୁଝର-ମୟୂରଭଞ୍ଜ ଚାଷୀଙ୍କୁ ୧୨୦କୋଟିର ମୁଖ୍ୟମନ୍ତ୍ରୀଙ୍କ ଭେଟି

ଭୁବନେଶ୍ୱର, ୭/୧୧ (ଆ.ପ୍ର) : କେନ୍ଦୁଝର ଏବଂ ମୟୂରଭଞ୍ଜ କୃଷକଙ୍କୁ ସଂଯୋଗ କରୁଥିବା ତିନୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ପ୍ରାୟ ୧୨୦ କୋଟି ଟଙ୍କାର ଏହି ମେଗା ଜିଦ୍ଦୁ ଜଳସେଚନ ପ୍ରକଳ୍ପ ଅଧୀନରେ ରାଇକଳା, ସତିକୁଡର ଏବଂ ଜାରକାଣି ଉଚ୍ଚି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି । ଉତ ଅଢ଼େଇ ଦର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବିକାଶର ଯେଉଁ ଧାରା ଜାରି ରହିଛି, ଆଜି ସେଥିରେ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ ଯୋଡ଼ି ହୋଇଛି । କେନ୍ଦୁଝର ଓ ମୟୂରଭଞ୍ଜ କୃଷକର ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଏବଂ ଶିଳାନ୍ୟାସ ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ତିନୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପ ପ୍ରକଳ୍ପଗୁଡ଼ିକ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ୪ ହଜାର ୨୮୦ ହେକ୍ଟର ଶୁଷ୍କ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବ । ଏହାଦ୍ୱାରା କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ଓ କେନ୍ଦୁଝର ବ୍ଲକର ଅନେକ ଗ୍ରାମ ସହିତ ମୟୂରଭଞ୍ଜ ଜିଲ୍ଲାର ଜାରକାଣୀ ଅଂଚଳ ଉପକୃତ ହେବେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଆମର କୃଷକ ଭାଇର କ୍ଷେତକୁ ପାଣି ମିଳିନାହିଁ, ସେପର୍ଯ୍ୟନ୍ତ ଗାଁର ଅଁଗଟାଟି ମାଟିକୁଡ ହୋଇପାରିବ ନାହିଁ । ଏହି ପ୍ରକଳ୍ପ କେବଳ ପାଣି ପାଇପ୍ ସଂଯୋଗ ନୁହେଁ, ଏହା ହେଉଛି ଆମର ଶୁଷ୍କ ମାଟିରେ ସୁନା ଫଳାଇବାର ଏକ ଦୈବୁକିକ ପରମେଷା । ଆମର ଚାଷୀମାନେ ବର୍ଷକୁ ଗୋଟିଏ ଫସଲ ବଦଳରେ ଦୁଇରୁ ତିନୋଟି ଫସଲ ଅମଳ କରିବେ ଏବଂ ସେମାନଙ୍କ ଆୟରେ ଆଖିଦୃଶିଆ ବୃଦ୍ଧି ହେବ । ବର୍ତମାନର ସରକାର ଆସନ୍ତା ପାଂଚ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇଦେବା ପାଇଁ ବ୍ୟାପକ୍ଟ କରୁଛନ୍ତି ।ଆସନ୍ତା ଡିସେମ୍ବର ମାସରେ କେନ୍ଦୁଝର ଜିଲ୍ଲାର କାନ୍ଦୁପୁର ଜଳସେଚନ ପ୍ରକଳ୍ପର ଉଦ୍ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଝୁମ୍ପୁରା ଠାରେ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଉଦ୍ଘାଟନ କରିଛନ୍ତି । ଏଥାସହିତ ଭାଇକଳାଠାରେ ଷ୍ଟେଟ୍ ଦ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖାର ଉଦ୍ଘାଟନ କରାଯାଇଛି । ରାଇକଳା ଓ ସ୍ଥାନୀୟ ଯୁବକ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୁଇଟି ବୃହତ ପ୍ରକଳ୍ପର ଘୋଷଣା କରିଛନ୍ତି । ରାଇକଳାଠାରେ ୨୪ କୋଟି ଟଙ୍କାର ବ୍ୟୟବରାଦରେ ଏକ ଅତ୍ୟାଧୁନିକ sports complex ନିର୍ମାଣ କରାଯିବ, ଯାହା ସ୍ଥାନୀୟ ଯୁବଚ୍ଛାତ୍ରାଦ୍ରୀମାନଙ୍କ ପ୍ରତିଭା ବିକାଶ ଓ ସେମାନଙ୍କୁ ଜାତୀୟ ସ୍ତରରେ ପହଂଚାଇବାରେ ସହାୟକ ହେବ । ଏହାସହିତ, ଅଂଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଆବାସିକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ୩୦ କୋଟି ଟଙ୍କାର ବ୍ୟୟରେ ଏକ ଅତ୍ୟାଧୁନିକ 'SC/ST ଆବାସିକ ବିଦ୍ୟାଳୟ' ସ୍ଥାପନ କରାଯିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଇକଳାର ବିକାଶ ପାଇଁ ୮ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ତୃଣମୂଳ ସ୍ତରର ପ୍ରକଳ୍ପ ହାତକୁ ନିଆଯାଇଛି । ଏଥିମଧ୍ୟରେ ଡି.ଏମ୍.ଏଫ୍. ପାଣ୍ଠିରୁ କରଞ୍ଜିଆପଡ଼ାରେ ୧ କୋଟି ଟଙ୍କା ବ୍ୟୟରେ ମିନି ଷ୍ଟାଡିୟମ୍ ଏବଂ ୨୦ ଲକ୍ଷ ଟଙ୍କା ବ୍ୟୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ସମ୍ପୂର୍ଣ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ରାଇକଳାରେ ୧.୫ କୋଟି ଟଙ୍କାରେ ଧବଳେଶ୍ୱର ମନ୍ଦିର ପରିସର ଜନ୍ମତି, ୬୦ ଲକ୍ଷ ଟଙ୍କାରେ ଗ୍ରାମ୍ୟ ହାଟ, ୧.୫ କୋଟି ଟଙ୍କାରେ ଯୁବ ଜୋତି କୁଡ଼, ୩୦ ଲକ୍ଷ ଟଙ୍କାରେ ଗ୍ରାମ୍ୟାଞ୍ଚା ପାଲୁରାଣୀ ନବୀକରଣ କାର୍ଯ୍ୟ ଜାରି ରହିଥିବାବେଳେ କଲ୍ୟାଣ ମଣ୍ଡପର ଗିରିପ୍ରସ୍ତର ସୃଷ୍ଟିତ ହୋଇଛି । ସେହିପରି ୩୫ ଲକ୍ଷ ଟଙ୍କାରେ ନୂତନ ଜି.ପି. ଭବନ, ୩୦ ଲକ୍ଷ ଟଙ୍କାରେ ମିଶନ ଶକ୍ତି ଜି.ପି.ଏଲ୍.ଏଫ୍, ଡିଜିଟ୍ସ ଏବଂ DMF ଓ CMSA ସହାୟତାରେ ୧.୫ କୋଟି ଟଙ୍କା ବ୍ୟୟରେ ୨.୫ କିଲୋମିଟର ସି.ସି. ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହୋଇଛି ।



ଆଲୋକର ପର୍ବ ଦୀପାବଳି ସମସ୍ତଙ୍କ ଜୀବନକୁ ଆଲୋକିତ କରୁ । ଏହାହିଁ ଆମର କାମନା : ସଂପାଦକ



ଛୁଟି ଘୋଷଣା

ପବିତ୍ର ଦୀପାବଳି ପର୍ବ ପାଇଁ ଆସନ୍ତା ୮-୧୧-୨୬ ତାରିଖ ସ୍ଥେସ୍ ଓ 'ସେଠୁ ଆରମ୍ଭ' କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୧୦-୧୧-୨୬ ତାରିଖ ସକାଳେ ପ୍ରକାଶ ପାଇବ : ପ୍ରକାଶକ

ଗଞ୍ଜାମ ବନ୍ୟା କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କଲେ ନବୀନ

ଭୁବନେଶ୍ୱର, ୭/୧୧ (ଆ.ପ୍ର) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ ଗସ୍ତରେ ଯାଇ ବନ୍ୟା ଜନିତ ଅତ୍ୟଧିକ ଅଂଚଳ ପରିଦର୍ଶନ କରିଛନ୍ତି । ଶେରଗଡ଼, ହିଞ୍ଜିଳି,ଆସିକା ଓ ସୋରଡ଼ା ଅଂଚଳ ବୁଲି ବିପନ୍ନ ଲୋକଙ୍କୁ ଭେଟି ସେମାନଙ୍କ ଅଭାବ ଅସୁବିଧା ପଚାରି ବୁଝିଥିଲେ ଓ ସମବେଦନା ଜଣାଇଥିଲେ । ଲୋକମାନେ ନବୀନଙ୍କୁ ତାଙ୍କ ଦୁଃଖ ଜଣାଇଥିଲେ । ଚାଷୀ ମାନେ ନଷ୍ଟ ହୋଇ ଯାଇଥିବା ଧାନ ଛେୟା ଓ ଆଖୁ ଗଛ ଦେଖାଇ ବନ୍ୟାରେ ହୋଇଥିବା କ୍ଷତି ସମ୍ପର୍କରେ କହିଥିଲେ । ବନ୍ୟାରେ ଘର ଭାଙ୍ଗି ଯାଇଥିବା ଓ ନିଜ ଜୀବିକା ହରାଇଥିବା ଲୋକମାନେ ମଧ୍ୟ ବିରୋଧୀ ଦଳ ନେତାଙ୍କୁ ସେମାନଙ୍କ ଅସୁବିଧା ଜଣାଇଥିଲେ । ଶେରଗଡ଼ ଓ ଆଶ୍ୱା ସହରର ଲୋକମାନେ ବନ୍ୟା ପାଣି ଫିରି ଘରେ ପାଣି ସେମାନଙ୍କ ସବୁ କିଛି ନଷ୍ଟ କରିଦେଇ ସେ ସମ୍ପର୍କରେ ସେମାନେ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ । ଲୋକଙ୍କ ଅସୁବିଧା ଶୁଣିବା ପରେ ନବୀନ ପଟ୍ଟନାୟକ ରାଜ୍ୟ ପ୍ରଶାସନ ହୋଇଯାଇଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଲୋକ ଦୁଃଖରେ ଅଛନ୍ତି । ବିପୁଳ କ୍ଷତି ହୋଇଛି । ସେମାନଙ୍କ ଆଖିରୁ ଏବେବି ଲୁହ ଝରୁଛି । ଲୋକଙ୍କ ଦୁଃଖ ପ୍ରତି ସମ୍ବେଦନଶୀଳ ହୋଇ ଏ ବିପଦ ସମୟରେ ସକ୍ରିୟ ରହି ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଶ୍ରୀ ପଟ୍ଟନାୟକ ସରକାରଙ୍କ ନିଜତରେ ଦାବୀ କରିଥିଲେ । କ୍ଷତିପୂରଣ ଓ ସହାୟତା ରାଶି ପ୍ରଦାନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଶ୍ରୀ ପଟ୍ଟନାୟକ ଜିଲ୍ଲାପାଳ ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ନିର୍ମାଣାଧୀନ ସ୍ୱତନ୍ତ୍ର ଚାଉଳ ଓ ମିଲେଟ୍‌ର ମୂଲ୍ୟବୃଦ୍ଧି କେନ୍ଦ୍ର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତୀକରଣ ଓ ଖଣ୍ଡି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିସନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରର ଚଉମୁଖାପାରେ ନିର୍ମାଣାଧୀନ ସ୍ୱତନ୍ତ୍ର ଚାଉଳ, ମିଲେଟର ମୂଲ୍ୟ ବୃଦ୍ଧି ସୁବିଧା କେନ୍ଦ୍ର ଏବଂ 'ଓଡ଼ିଶା ବଜାର' ପରିବର୍ତ୍ତନ କରିଛନ୍ତି । ରାଜ୍ୟର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟକର ଚାଉଳ, ମିଲେଟ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ମୂଲ୍ୟବର୍ଦ୍ଧିତ ସାମଗ୍ରୀ ଯୋଗାଇଦେବା ପାଇଁ ଏକ ରୋଡମ୍ୟାପ୍ ଉପରେ ଉତ୍ତୟ ଉପମୁଖ୍ୟମନ୍ତ୍ରୀ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥାର ବୈଜ୍ଞାନିକ, କୃଷି ଓ ମିସନ ଶକ୍ତି ବିଭାଗ, ଓୟୁଏଟି ଏବଂ ଓଏଆରସିର ବରିଷ୍ଠ ଅଧିକାରୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ । ଏହାପରେ କୃଷି ବିଭାଗ ପକ୍ଷରୁ ଏହି ପରିପ୍ରେକ୍ଷୀରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଏବଂ ସଂଗଠନୀ ମୂଲ୍ୟ ଶୃଙ୍ଖଳା ମାଧ୍ୟମରେ ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ସହିତ କୃଷକମାନଙ୍କ ଆୟକୁ ସ୍ଥାୟୀ ଭାବରେ ବୃଦ୍ଧି କରିବା ପାଇଁ ଏହି କର୍ମଶାଳାରେ କାର୍ଯ୍ୟାନ୍ୱୟନ ରଣନୀତି ଏବଂ ସାଂଗଠନିକ ଢାଂଚା ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶାର ପାରମ୍ପରିକ ଧାନ ଜିଏମଗୁଡ଼ିକର ବ୍ୟବହାର ଓ ବ୍ୟବସାୟିକ ସମ୍ଭାବନାକୁ ଆହୁରି ତଡ଼ାଇବାର ଯଥେଷ୍ଟ ସୁଯୋଗ ରହିଛି । ଏହି ଧାନର ଉତ୍ପାଦନ ବୃଦ୍ଧି କରି କେବଳ ଖାଦ୍ୟ ରାଜେ ଏହାର ବ୍ୟବହାର ବଢାଇବା ନୁହେଁ, ବରଂ କମ୍ ଦାମର ଭାଙ୍ଗା ଚାଉଳ ଓ କୁଣ୍ଡାରୁ ପୁଷ୍ଟିକର ମୂଲ୍ୟଯୁକ୍ତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ । ଏହାଦ୍ୱାରା ଅଧିକ ମୂଲ୍ୟ ହାସଲ ସହ ଓଡ଼ିଶାର କୃଷକ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସାମାଜିକ ଓ ଅର୍ଥିକ ବିକାଶରେ ସହାୟତା ମିଳିବ । IRRI ଦ୍ୱାରା ବିକଶିତ ପୁଷ୍ଟିକର ଧାନ କିସମ, ଓଡ଼ିଶାର ଅଳ୍ପ ବ୍ୟବହୃତ ପାରମ୍ପରିକ ଧାନ ଏବଂ ମିଲେଟ୍‌କୁ ବ୍ୟବହାର କରି ଏହି ପ୍ରକ୍ରିୟାକରଣ କେନ୍ଦ୍ରରେ ବିଭିନ୍ନ ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ପ୍ରସ୍ତୁତ କରାଯିବ । ଏହି କେନ୍ଦ୍ରର ନାମ 'ଓଡ଼ିଶା କୃଷି ମୂଲ୍ୟବୃଦ୍ଧି ଉତ୍ପର୍ଣ୍ଣ କେନ୍ଦ୍ର ରଖାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଘୋଷଣା କରିଥିଲେ । ଏହି କେନ୍ଦ୍ର ଓଡ଼ିଶାକୁ ପ୍ରତିଶେଧକ ପୋଷଣ, ସ୍ୱାସ୍ଥ୍ୟକର ଖାଦ୍ୟ ବ୍ୟବସ୍ଥା ଏବଂ ଚାଉଳ ଓ ମିଲେଟ୍ ଆଧାରିତ ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ କ୍ଷେତ୍ରରେ ଜାତୀୟସ୍ତରରେ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ କରାଇବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଥିଲେ । ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଲୋକଙ୍କ ଘରେ ପହଂଚିବ ବିଜୁଳି: ଜନକ ବର୍ଦ୍ଧନ ସିଂହଦେଓ IRRI କୃଷି ବିଭାଗ ଓ ମିସନ ଶକ୍ତି ସହ ମିଳିତ ଭାବେ କାର୍ଯ୍ୟ କରି ସ୍ୱାସ୍ଥ୍ୟକର ଧାନ ଉତ୍ପାଦନ, ପ୍ରକ୍ରିୟାକରଣ, ଲେବିଷିଙ୍ଗ, ଟ୍ରେସେବିଲିଟି, ଗୁଣବତା ପ୍ରମାଣପତ୍ର ଏବଂ ସ୍ୱାସ୍ଥ୍ୟକର ଚାଉଳ ଆଧାରିତ ମୂଲ୍ୟଯୁକ୍ତ ଉତ୍ପାଦ ବିକାଶ ପାଇଁ ବୈଷୟିକ ଜ୍ଞାନ ଓ ସହଯୋଗ ଯୋଗାଇବେ । ଅନ୍ୟପକ୍ଷରେ, ଓଡ଼ିଶା କୃଷି ପ୍ରୋତ୍ପାଦନ ଓ ପୁଞ୍ଜିନିବେଶ ନିଗମ ମିମିଟେଡ୍ ବଜାର ସଂଯୋଗ ସୁଦୃଢ଼ କରିବା ସହ ଏହି ସ୍ୱତନ୍ତ୍ର ଚାଉଳ ଓ ମିଲେଟ୍ ପ୍ରକ୍ରିୟାକରଣ କେନ୍ଦ୍ରର ସଫଳ ପରିଚାଳନା ପାଇଁ ଏକ ଦୀର୍ଘସ୍ଥାୟୀ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବ । ଏହା ଗ୍ରାହୋଚ୍ଚ ଖୁଚୁରା ବଜାର ସୁଦୃଢ଼ କରିବା ସହ ଚାଷୀମାନଙ୍କ ପାଇଁ ଏକ ସମନ୍ୱିତ ମୂଲ୍ୟ ଶୃଙ୍ଖଳ ଭାବେ କାର୍ଯ୍ୟ କରିବ । କୃଷି କ୍ଷେତ୍ରରେ ପ୍ରକ୍ରିୟାକରଣ ଆଧାରିତ ଏହି ଉପାନ୍ତରଣ ଦ୍ୱାରା ଅମଳ ପରବର୍ତ୍ତୀ ଫସଲ ନଷ୍ଟ କମିବ, ଉତ୍ପାଦର ସଂରକ୍ଷଣ ଅବଧି ବଢିବ ଏବଂ ଓଡ଼ିଶାରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରକ୍ରିୟାକୃତ ଓ ଗ୍ରାହ୍ୟେତ୍ ଉତ୍ପାଦ ରାଜେ ଦେଶର ଦୂରତ୍ୱାନ୍ତ ଅଂଚଳ ଏବଂ ବିଦେଶୀ ବଜାରରେ ପହଂଚିପାରିବ । ଏହି ପ୍ରକଳ୍ପ ମାଧ୍ୟମରେ ଏସଏଚଜି ଦ୍ୱାରା ପରିଚାଳିତ ମୂଲ୍ୟଯୁକ୍ତ ଉତ୍ପାଦ ଉଦ୍ୟୋଗଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯିବ । ଏଥିପାଇଁ ଉତ୍ପାଦନ କ୍ଷମତା ବୃଦ୍ଧି, ଗୁଣବତା ନିର୍ଦ୍ଦେଶକ୍ରମ, ଖାଦ୍ୟ ନିରାପତା ମାନଦଣ୍ଡର ଅନୁପାଳନ ଏବଂ ନିରନ୍ତର ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ପ୍ରଦାନ କରାଯିବ । କୃଷି କ୍ଷେତ୍ରରେ ରୂପାନ୍ତରଣର ଏକ ନୂତନ ଅଧ୍ୟାୟ । ଏହା କୃଷକମାନଙ୍କୁ ସିଧାସଳଖ ମୂଲ୍ୟବୃଦ୍ଧି, ବ୍ରାଣ୍ଡିଂ, ପ୍ରକ୍ରିୟାକରଣ ଓ ଉଚ୍ଚ ମୂଲ୍ୟଯୁକ୍ତ ବଜାର ସହ ଯୋଡ଼ିବ ।

ସ୍ୱଚ୍ଛତା, ସାଧୁତା ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଅ: ରାଜସ୍ୱ ସଚିବ

ଭୁବନେଶ୍ୱର, ୭/୧୧ (ଆ.ପ୍ର) : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସ୍ୱଚ୍ଛତା, ସାଧୁତା, ସମବେଦନଶୀଳତା ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ନିଜ ଦାୟିତ୍ୱ ଓ କର୍ତବ୍ୟ ପ୍ରତି ସର୍ବତା ସତ୍ୱୋଟ ଏବଂ ନିଷ୍ଠାବାନ ରହିବାକୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆହ୍ୱାନ କରିଛନ୍ତି । ନିକଟରେ ଜଣେ ଯୁବ ଓଡ଼ିଶା ରାଜସ୍ୱ ସେବା (ଓଆରଏସ) ଅଧିକାରୀ ଲା'ଚ ନେତା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା ତାଙ୍କୁ ଗରାର ରାଜେ ମର୍ମାହତ ଓ ବ୍ୟଥିତ କରିଛି ବୋଲି ବିଭାଗର ସମସ୍ତ ସହକର୍ମୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି । ଏହି ଘଟଣାକୁ ଏକ ଚେତାବନୀ ଭାବେ ଗ୍ରହଣ କରି ସରକାରୀ ସେବାରେ ନିଯୋଜିତ ସମସ୍ତ ସଚେତନ ଓ ଦାୟିତ୍ୱବାନ ଅଧିକାରୀମାନେ ପରସ୍ପର ପ୍ରତି ସମ୍ମାନ, ସହଯୋଗ ଓ କର୍ତବ୍ୟନିଷ୍ଠାର ଭାବନା ରଖିବା ସହ ଏକ ସୁସ୍ଥ ଓ ସକାରାତ୍ମକ କାର୍ଯ୍ୟପରିବେଶ ଗଠନ ଦିଗରେ ଉଦ୍ୟମ କରିବା ଆବଶ୍ୟକ । ନିଜର ଦକ୍ଷତା ଓ ସାମର୍ଥ୍ୟର ସର୍ବୋତମ ଉପଯୋଗ କରି ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ସହ ଏକ ସ୍ୱଚ୍ଛ, ସମ୍ପର୍ଦ୍ଦ ଓ ଜନକେନ୍ଦ୍ରିକ ପ୍ରଶାସନ ଗଠନ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।



ଘଟଣାକୁ ଆଧାର କରି ସମସ୍ତ ବିଭାଗର କାର୍ଯ୍ୟଧାରାର ଓ ଭାବମୂର୍ତ୍ତିକୁ ଆକଳନ କରିବା ଉଚିତ ନୁହେଁ । ବିଭାଗର ଅଧିକାଂଶ ଅଧିକାରୀ ଓ କର୍ମଚାରୀ ନିଷ୍ଠା, ସାଧୁତା ଓ ସମର୍ପଣ ଭାବନାର ସହିତ ଜନସାଧାରଣଙ୍କ ସେବା କରୁଛନ୍ତି ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ବିଭାଗରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ସେ ନିଜେ ନେତିବାଚକ, ଶୃଙ୍ଖଳା ଓ ସ୍ୱଚ୍ଛତାର ସହ ସମସ୍ତ କାର୍ଯ୍ୟ ସମାଧାନ କରିବାକୁ ପ୍ରତିବଦ୍ଧ ବୋଲି ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଦୁର୍ନୀତି ପ୍ରତି ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରିବା ସହ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ଏବଂ ନିଜର କର୍ତବ୍ୟ ପାଳନରେ କୌଣସି ପ୍ରକାର ଅବହେଳା ନକରିବାକୁ ସେ ଆହ୍ୱାନ ଦେଇଛନ୍ତି । ବିଭାଗର ବିଭିନ୍ନ ସ୍ତରରେ କାର୍ଯ୍ୟରତ ଅଧିକାରୀମାନେ ପରସ୍ପର ପ୍ରତି ସମ୍ମାନ, ସହଯୋଗ ଓ କର୍ତବ୍ୟନିଷ୍ଠାର ଭାବନା ରଖିବା ସହ ଏକ ସୁସ୍ଥ ଓ ସକାରାତ୍ମକ କାର୍ଯ୍ୟପରିବେଶ ଗଠନ ଦିଗରେ ଉଦ୍ୟମ କରିବା ଆବଶ୍ୟକ । ନିଜର ଦକ୍ଷତା ଓ ସାମର୍ଥ୍ୟର ସର୍ବୋତମ ଉପଯୋଗ କରି ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ସହ ଏକ ସ୍ୱଚ୍ଛ, ସମ୍ପର୍ଦ୍ଦ ଓ ଜନକେନ୍ଦ୍ରିକ ପ୍ରଶାସନ ଗଠନ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।





ପବିତ୍ର ଦୀପାବଳି ଉପଲକ୍ଷେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ରଘୁମୋହନ ଗାମ)

OIPR - 15001/15001/2/26-27/0133

15001/134/2627





ପବିତ୍ର ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀ

ସେଠୋ ଆରମ୍ଭ
SETHO ARAMBHA
ରବିବାର, ୮ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଆମ ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରି ଜ୍ଞାନ, ପ୍ରଗତି ଏବଂ ସମୃଦ୍ଧିର ନୂତନ ଆଲୋକ ପ୍ରଦାନ କରୁ : ମନମୋହନ ସାମଲ



ଭୁବନେଶ୍ୱର, ୦୭/୧୧ (ଆ.ପ୍ର) : ପବିତ୍ର ଦୀପାବଳି ଏବଂ କାଳୀପୂଜା ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦୀପାବଳୀ ପର୍ବ ପାଳନ କରିବାକୁ ନିବେଦନ କରିବା ସହିତ ଯେପରି ପ୍ରତ୍ୟେକ ନବ୍ୟୋପଳବ୍ଧି ସେଥିପ୍ରତି ଗୁରୁତ୍ୱ ଦେବାକୁ ଶ୍ରୀ ସାମଲ କାମନା କରିଛନ୍ତି । ବିକଶିତ ଓଡ଼ିଶା ଗଠନର ସଂକଳ୍ପକୁ ନେଇ ଆଗକୁ ବଢୁଥିବା ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନରେ ଏହି ପର୍ବ ଉତ୍ସାହ ଓ ଶକ୍ତି ସଂଚାର କରୁ । ନିରାପଦ ଏବଂ ସହଜଭାର ସହ ଦୀପାବଳୀ ପର୍ବ ପାଳନ କରିବାକୁ ନିବେଦନ କରିବା ସହିତ ଯେପରି ପ୍ରତ୍ୟେକ ନବ୍ୟୋପଳବ୍ଧି ସେଥିପ୍ରତି ଗୁରୁତ୍ୱ ଦେବାକୁ ଶ୍ରୀ ସାମଲ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

କାଳୀପୂଜା ଉପଲକ୍ଷେ ଯାଜପୁର ସହରରେ ସ୍ୱତନ୍ତ୍ର ଟ୍ରାଫିକ୍ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥା

ଯାଜପୁର, ୦୭/୧୧ (ଆ.ପ୍ର) : ଯାଜପୁର ସହରରେ ଚଳିତ ବର୍ଷ କାଳୀପୂଜା ଉପଲକ୍ଷେ ଜନସାଧାରଣଙ୍କ ସୁବିଧା, ଭିଡ଼ ନିୟନ୍ତ୍ରଣ ଏବଂ ଯାନବାହାନ ଚଳାଚଳକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ଡାଣ୍ଡ ୦୭.୧୧.୨୦୨୬ ଠାରୁ ୧୭.୧୧.୨୦୨୬ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୪ ଘଟିକା ଠାରୁ ରାତ୍ରି ୧୨ ଘଟିକା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରାଫିକ୍ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥା କରାଯାଇଛି । ଏହି ସମୟରେ ନିମ୍ନଲିଖିତ ଟ୍ରାଫିକ୍ ନିୟମ ଓ ଗୁଟ୍ ପରିବର୍ତ୍ତନ ପ୍ରତି ଜନସାଧାରଣଙ୍କ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି । ଜଟକ ସହର ଆଡୁ ଆସୁଥିବା ସମସ୍ତ ଚାରିଚକିଆ ଯାନ, ବସ୍ ଓ ଭାରୀଯାନ ମାନଙ୍କ ପୋଲ ଦେଇ ଜିଆନାଳି ଛକରୁ ସିଧା ଭିଜ୍ ରୋଡ୍‌ରେ ଯାଇ କଲୁଆଗାଟ, ସୁନ୍ଦରୀମୁଣ୍ଡି ଦେଇ ମଙ୍ଗଚଣ୍ଡପୁର ଯିବେ । ସେହିପରି ମଙ୍ଗଚଣ୍ଡପୁର ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ଏହି ରୁଟ୍‌ରେ ଜଟକ ଯିବେ । ଅନ୍ୟପକ୍ଷରେ, ଜଟକ ସହର ଆଡୁ ଆସୁଥିବା ସମସ୍ତ ଚାରିଚକିଆ ଯାନ, ବସ୍ ଓ ଭାରୀଯାନ ମାନଙ୍କ ପୋଲ ଦେଇ ଦୈତ୍ୟଗାଳପୁର ପୋଲ ଛକରୁ କେନାଲ ରାସ୍ତା ଦେଇ ଅଠରନଳାରେ ଜାରୀ ଦିଅଣପୁର ଯିବେ । ସେହିପରି ଦିଅଣପୁର ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ଏହି ରୁଟ୍‌ରେ ଜଟକ ଯିବେ । ଗାନ୍ଧୀଛକଠାରୁ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଗତିଆପୁର ଆଡୁ ଯିବାକୁ ଦିଆଯିବ ନାହିଁ । କୁର୍ଥାସିପୁର ଛକଠାରୁ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଆଡୁ ଏବଂ ଭାଇଜିକ ବଜାର ଆଡୁ ଯାଇପାରିବେ ନାହିଁ । କେବଳ ପଦଚାରୀଙ୍କୁ ଯାତାୟାତ ପାଇଁ ଅନୁମତି ଦିଆଯିବ । ଯୋଡ଼ିକୁଅ ଛକଠାରୁ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଗତିଆପୁର ଆଡୁ ଯିବାକୁ ଦିଆଯିବ ନାହିଁ । ସେହିପରି ଗତିଆପୁର ଛକଠାରୁ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଯୋଡ଼ିକୁଅ ଏବଂ ବଡ଼ବଜାର ଆଡୁ ଯିବାକୁ ଦିଆଯିବ ନାହିଁ । ବଲୁଗାଘାଟ ଛକଠାରୁ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଗତିଆପୁର ଆଡୁ ଯିବାକୁ ଦିଆଯିବ ନାହିଁ । ବଲୁଗାଘାଟ ଛକଠାରୁ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଯୋଡ଼ିକୁଅ ଏବଂ ବଡ଼ବଜାର ଆଡୁ ଯିବାକୁ ଦିଆଯିବ ନାହିଁ । ମହିଦା କଲେଜ ଛକଠାରୁ ମଧ୍ୟ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଗତିଆପୁର ଆଡୁକୁ ଯିବାକୁ ଦିଆଯିବ ନାହିଁ । ଗତିଆପୁର ଯୁନିଟ୍‌୩ ସ୍କୁଲ ଛକଠାରୁ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଗତିଆପୁର ଆଡୁକୁ ଯିବାକୁ ଦିଆଯିବ ନାହିଁ । ସେହିପରି କାଳୀମୋଗା ଛକଠାରୁ ମଧ୍ୟ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଗତିଆପୁର ଆଡୁକୁ ଯିବାକୁ ଦିଆଯିବ ନାହିଁ । ଜଟକ ସହର ଆଡୁ ଆସୁଥିବା ଯାନବାହାନଗୁଡ଼ିକର ପାର୍କିଂ ବ୍ୟବସ୍ଥା ନିମନ୍ତେ ବିଜିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ବିଶ୍ଚାରପୁର ଆଡୁ, ଆସୁଥିବା ଯାନବାହାନଗୁଡ଼ିକ ପାଇଁ କୁସୁମାଠାରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ଗତିଆପୁର ଆଡୁ, ଆସୁଥିବା ଯାନବାହାନଗୁଡ଼ିକ ପାଇଁ ମେଡିକାଲ ଛକ ଆଡୁକୁ ଯିବାକୁ ଦିଆଯିବ ନାହିଁ । ଏହି ନିୟମ କେବଳ ଭିଜ୍ ହୋଇଥିବା ସମୟରେ ପ୍ରଯୁଜ୍ୟ ହେବ । ଗତିଆପୁର ଯୁନିଟ୍‌୩ ସ୍କୁଲ ଛକଠାରୁ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଗତିଆପୁର ଆଡୁକୁ ଯିବାକୁ ଦିଆଯିବ ନାହିଁ । ସେହିପରି କାଳୀମୋଗା ଛକଠାରୁ ମଧ୍ୟ ଅପରାହ୍ନ ୪ ଘଟିକା ଠାରୁ ସମସ୍ତ ଚାରିଚକିଆ ଓ ଦୁଇଚକିଆ ଯାନ ଗତିଆପୁର ଆଡୁକୁ ଯିବାକୁ ଦିଆଯିବ ନାହିଁ । ମେଡିକାଲ କଲେଜ ନିକଟସ୍ଥ ନୂତନ ପୌରପାନିକା ମାର୍କେଟ୍ କମ୍ପ୍ଲେକ୍‌ସଠାରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ମାଙ୍ଗଚଣ୍ଡପୁର ଓ ଉତ୍ତର ଆଡୁ ଆସୁଥିବା ଯାନବାହାନଗୁଡ଼ିକ ପାଇଁ ବୁଢ଼ାପାଙ୍କି ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଇଛି ।

ବ୍ରାହ୍ମଣଗାଁରେ ବିଜେଡିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ, ପୂର୍ବତନ ବିଧାୟକ ଫିତା କାଟି ଉଦଘାଟନ କଲେ



ବାସୁଦେବପୁର,୦୭/୧୧ (ଆ.ପ୍ର) : ଦର୍ଶକ ବନ୍ଧୁ, ଦୃଶମୂଳ ସ୍ତରରେ ସଂଗଠନକୁ ଆହୁରି ମଜବୁତ କରିବା ସହ ଜନସାଧାରଣଙ୍କ ନିକଟତର ହେବାକୁ ବିଜୁ ଜନତା ଦଳର ଉଦ୍ୟମ । ବାସୁଦେବପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରାହ୍ମଣଗାଁ ସଂଗାୟତରେ ବିଜେଡିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ପୂର୍ବତନ ବିଧାୟକ ବିଷ୍ଣୁତ୍ରୁ ରାଉତରାୟ ଏହି କାର୍ଯ୍ୟାଳୟର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେ କହିଥିଲେ, ବିଜୁ ଜନତା ଦଳର କାର୍ଯ୍ୟାଳୟ କେବଳ ଏକ ଦଳୀୟ କାର୍ଯ୍ୟାଳୟ ନୁହେଁ, ବରଂ ଏହା ହେବ ଜନସାଧାରଣଙ୍କ ସୁଖଦୁଃଖର ସାଥୀ । କର୍ମୀ ଓ ନେତୃତ୍ୱଙ୍କ ମଧ୍ୟରେ ସମନ୍ୱୟର ସେତୁ ହେବା ସହ ଜନସେବାର ଏକ ନୂତନ ଠିକଣା ଭାବେ କାର୍ଯ୍ୟ କରିବ ଏହି କାର୍ଯ୍ୟାଳୟ । ଏହି ଉଦ୍ ଘାଟନୀ ସମାରୋହରେ ବିଜୁ ଜନତା ଦଳର ବୁକ ସଭାପତି ବିକଳବନ୍ଧୁ ଦାସ, ଗୌରୀ ଝେଟୀ, ହରିହର ଶିଅର, ପୂର୍ବତନ ସରପଂଚ ତଥା ବିଜେଡି ଜିଲ୍ଲା ସମ୍ପାଦକ ,ବିଜୟ କୁମାର ସାହୁ, ସାମାଜସେବୀ ,ପ୍ରଭାତ ଚନ୍ଦ୍ର ରାଉତ, ସୃତି ରଞ୍ଜନ ରାୟ, ବିଜୟ କୁମାର ରାଉତ, ବ୍ରହ୍ମାନନ୍ଦ ସାହୁ, ଜଗନ୍ନାଥର ନାୟକ, ରତୀନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବଜାୟ କର୍ମୀ ଓ କର୍ମକର୍ତା ଉପସ୍ଥିତ ଥିଲେ ।

କେରଳରେ କନ୍ଧମାଳ ଦାଦନ ଶ୍ରମିକଙ୍କ ମୃତ୍ୟୁ, ମୃତ ପୁଅର ଶବ ଆଣିବାକୁ ଅସହାୟ ମା' ଜିଲ୍ଲା ପ୍ରଶାସନ କଲା ସହଯୋଗ

ଜି.ଉଦୟଗିରି,୭/୧୧(ଆପ୍ର) କନ୍ଧମାଳ ଜିଲ୍ଲାର ପରିଗର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ କେରଳ ଯାଇଥିବା ପୁଅର ମୃତ୍ୟୁ ଖବର ଶୁଣି ଜାଣି ପକ୍ଷାଘାତ ଅସହାୟ ବିଧବା ବୃଦ୍ଧା ମା' । ଜି.ଉଦୟଗିରି ବ୍ଲକ୍ ଜଜିଆ ପଂଚାୟତ ତରାଜଡ଼ି ଗ୍ରାମ, ଲୁଙ୍ଗିହରିର ବର୍ଷକ ନାୟକଙ୍କ ପୁତ୍ର ରାଜେଶ ନାୟକ(୪୦) । ଜାତିରା ନିର୍ମାଣ ପାଇଁ କେରଳ ଯାଇଥିବାବେଳେ ନଭେମ୍ବର ୬ ତାରିଖରେ ସେଠାରେ ଚାଳର ଆଳ ଭିୟୋଗ ଘଟିଛି । ମୃତଦେହକୁ କେରଳର ତ୍ରିଶୁର ମେଡିକାଲ କଲେଜରେ ରଖାଯାଇଛି । ମୃତଦେହକୁ ଫେରାଇ ଆଣିବା ପାଇଁ ସେମିଆଲ ଭୁର୍କେଜି ଆସୋସିଏସନ୍ ଅଫ୍ କନ୍ଧମାଳ ଷ୍ଟକ ସଂଗଠନ ସଭାପତି ଅମଳ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ପରିବାର ଓ ସଂଗଠନ ସଦସ୍ୟ ସହଯୋଗରେ ଜିଲ୍ଲାପାଳଙ୍କୁ ନିଷ୍ପତ୍ତ ନିବେଦନ କରାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଜେଲ୍‌ପ୍ରଶାସ ପକ୍ଷରୁ ମୃତକଙ୍କ ପରିବାର ନିମନ୍ତେ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ଅନୁମୋଦନ କରିଥିଲେ । ଶନିବାର ଅତିରିକ୍ତ ଜିଲ୍ଲାପାଳ ଲୁଜଳ ଚରୁ ନାୟକଙ୍କ ଠାରୁ ଏହି ସହାୟତା ରାଶିର ଚେକ୍ ଗ୍ରହଣ ବେଳେ ସ୍ୱାଳର ସାମାଜିକ ଦୃଷ୍ଟାକେଶ ପ୍ରଧାନ, ସଦସ୍ୟ ଅମରେନ୍ଦ୍ର ନାୟକ ଏବଂ ମୃତକଙ୍କ ପରିବାର ପକ୍ଷରୁ ପ୍ରକାଶ ଚନ୍ଦ୍ର ନାୟକଙ୍କ ଉପସ୍ଥିତ ଥିଲେ । ଦିଗର ୧୦୫ ଦିନ ମଧ୍ୟରେ ଜିଲ୍ଲାର ୨୨ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ବିବାର ବିଷୟ ପାଲଟିଛି ।

ସିପିଆଇ ପକ୍ଷରୁ ମହାନ ବିପ୍ଳବ ଦିବସ ପାଳିତ

ନିମାପଡା, ୦୭/୧୧ (ଆ.ପ୍ର) : ଆଜି ନଭେମ୍ବର ୭ ତାରିଖ, ମହାନ ବିପ୍ଳବ ଦିବସ ଏକ ସେମିନାର ଆୟୋଜନ ହୋଇଥିଲା. କମ୍ରେଡ ଦେବେନ୍ଦ୍ର ମାଝି ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିପ୍ଳବର ପ୍ରତୀକ ହା' ଜାତୁଡି ଲାଲ ପତାକା ଉତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସହ ସମ୍ପାଦକ ଶ୍ରୀଗୋବ ପ୍ରସାଦ ସିଂ ଦେଓ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ତୁଜ ବନ୍ଧୁ ପ୍ରଧାନ, ଜିଲ୍ଲାସମ୍ପାଦକ କୃଷ୍ଣ ଚନ୍ଦ୍ର ରାଉତ, ରାଜେଶ ନାୟକ, ମନୋରଞ୍ଜନ ପରିଡା, ସୁଜାତ ମହାନ୍ତି, ସନ୍ତୋଷ ବେହେରା, ସୁରେଶ ଚନ୍ଦ୍ର ବିଶ୍ୱାଳ, ହରିହର ସେନାପତି, ରାଜ୍ୟ ପରିଷଦ ସଭ୍ୟ ଦିପିକ ବିହାରୀ ରାଉତ, ପ୍ରଫୁଲ ସାହୁ ବଳମାଳୀ ସାହୁ, ବୃନ୍ଦାବନ ଦାସ, ପ୍ରମୁଖ ଯୋଗ ଦେଇ ପରିବର୍ତ୍ତନ ଜଗୁରୀ ରେ ଗସିଆନ ଦଂଗାର ନିର୍ଦ୍ଦାତନ କମିଶନ ଜ୍ଞାନେଶ କୁମାର ଉପସ୍ଥାନା ରାଜ୍ୟ ଜରିଆଇଥିଲା । ଏମଏନଟିଆର ଆଇନ ପ୍ରତ୍ୟାହାର କରିବା, ଉତରାମା ମଜାଇବା, କୃଷି ଋଣ ଛାଡ଼ କରିବା, ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପ୍ରଦାନ ପ୍ରଭୃତି ଦାବି ନେଇ ଆଲୋଚନା ହୋଇଥିଲା । ଆସନ୍ତା ଡିସେମ୍ବର ଦୁଇ ତାରିଖ ଦିନ ପୁରା ଜିଲ୍ଲା ପାଳ କାର୍ଯ୍ୟାଳୟ ଠାରେ ଜେଲ ଭରା ଆନ୍ଦୋଳନ ହେବ ବୋଲି ସିପିଆଇ ନେତା କୃଷ୍ଣ ଚନ୍ଦ୍ର ରାଉତ ଜଣାଇଛନ୍ତି । ଏହି ଜେଲ ଭରା ଆନ୍ଦୋଳନରେ ବହୁ ଚାଷୀ ବେକାର ସୁତର ଯୁବତୀ ଯୋଗ ଦେବାକୁ ଶ୍ରୀ ରାଉତ ନିବେଦନ କରିଛନ୍ତି ।

ଶିଆଳିରେ ଉଦ୍‌ଘାଟିତ ହେଲା ନବନିର୍ମିତ ପୋଲିସ ସହାୟତା କେନ୍ଦ୍ର




ଏରସମା, ୦୭/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଏରସମା ବ୍ଲକ ଅନ୍ତର୍ଗତ ଶିଆଳିଠାରେ ନବନିର୍ମିତ ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି କେନ୍ଦ୍ରାପଡ଼ା ଆଇଜିପି ସତ୍ୟଜିତ ନାୟକ, ଜଗତସିଂହପୁର ଏସ୍‌ପି ଅଜିତ କୁମାର ବର୍ମା ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ । ଏହି ଉଦ୍‌ଘାଟନୀ ଉତ୍ସବରେ ଡିର୍ଘାଲ ଏସ୍‌ଡିପିଓ ଅଜୟ କୁମାର ଦାସ, କୁଜଙ୍ଗ ଥାନା ଅଧିକାରୀ ଶିବାଶିଷ ଦାସ, ଏରସମା ଥାନା ଆଇଆଇସି ପାର୍ଥ ପ୍ରତିମ୍ ଦେବରାଜଙ୍କ ସମେତ ଏରସମା ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଶିଆଳି ସମୁଦ୍ରକୂଳକୁ ପ୍ରତିଦିନ ବହୁ ପର୍ଯ୍ୟଟକ ଓ ପରିଦର୍ଶକ ଆସୁଥାନ୍ତି ଏଠାରେ ପୋଲିସ ସହାୟତା କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ଅଂଚଳରେ ସୁରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ତ୍ୱରିତ ପୋଲିସ ସେବା ମିଳିପାରିବ । ଏହି ପଦକ୍ଷେପକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ପ୍ରକାଶ ପାଇଛି ।

ଡିସେମ୍ବର ୬ରେ ହେବ ରାୟଗଡ଼ା ଟେଲେଂଟ ଆଖ୍ୱାର୍ଡ଼ ସିଜନ୍ ତିନି ସାଂସ୍କୃତିକ କାର୍ଯ୍ୟକ୍ରମ



ରାୟଗଡ଼ା, ୦୭/୧୧ (ଆ.ପ୍ର) : ମା' ମଙ୍ଗଳା ଇଭେଣ୍ଟସ୍ ଏଣ୍ଟରଟେନମେଂଟ ଦ୍ୱାରା ଆୟୋଜିତ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ଓ ପିଡିସି ଗ୍ରାଫି ସହଯୋଗରେ ରାୟଗଡ଼ା ଟେଲେଂଟ ଆଖ୍ୱାର୍ଡ଼ ସିଜନ୍ ତିନି ୨୦୨୬ ଆୟୋଜନକୁ ନେଇ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ଜିଲ୍ଲା କାର୍ଯ୍ୟାଳୟ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଲଗାତାର ଦୁଇ ବର୍ଷ ସଫଳତା ସହ ଆୟୋଜନ ପରେ ଚଳିତ ବର୍ଷ ଆସନ୍ତା ଡିସେମ୍ବର ମାସ ୬ ତାରିଖ ରବିବାର ସକାଳ ୧୧ ଟା ସମୟରେ ରାୟଗଡ଼ାର ଟିକୁ ପତ୍ତନାୟକ ଅଡିଟୋରିଅମ୍ ଠାରେ ମହା ଧୁମ୍ ଧାମରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସମାଜରେ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଧନା କରିବା ସହ ଜିଲ୍ଲାର ବିଭିନ୍ନ ସ୍ତରର ଯୋଗ୍ୟ କଳାକାର ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯିବ ଏଥିପାଇଁ କଳା କ୍ଷେତ୍ରରେ ଜଣ୍ଡିତ କଳାକାର ମାନେ ନଭେମ୍ବର ୯ ତାରିଖ ରୁ ଡିସେମ୍ବର ୧ ତାରିଖ ଭିତରେ mmet.org.in ୱେବ୍ ସାଇଟ୍ ମାଧ୍ୟମରେ ପଞ୍ଜୀକରଣ କରି ପାରିବେ । ଜିଲ୍ଲାର କଳାକାର ମାନଙ୍କୁ ଉତ୍ସାହିତ ଓ ପ୍ରସ୍ତୁତିର କରିବା ସହ ଆଂଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମା ମଙ୍ଗଳ ଇଭେଣ୍ଟସ୍ ଏଣ୍ଟରଟେନମେଂଟ ସ୍ୱତ୍ତ ଶ୍ରୀ ମନେଜଁ ଦୃଷ୍ଟି ତଥା ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ସଭାପତି ଏଂ ଓଡ଼ିଶା ଡ୍ରିଲିଂସ୍ ମିଡ଼ିଆ ମହାସଂଘର ରାୟଗଡ଼ା ଜିଲ୍ଲା ସଭାପତି ସନ୍ତୋଷ କୁମାର ବଳା ଜଣାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ତରଫ ସଭାପତି ଗୁରୁପ୍ରସାଦ ସିଂହ, ସମ୍ପାଦିକା ପ୍ରିୟଦର୍ଶିନୀ ହୁରୁଲା, ଯୁଗ୍ମ ସମ୍ପାଦକ ଜ ଗୌରୀ ଶଙ୍କର ରାଓ ଓ କୋର୍ କମିଟି ସଦସ୍ୟ ଇଭିରା ରାଉତ୍ ପ୍ରମୁଖ ଉପସ୍ଥିତ ରହିଥିଲେ ।

ପିଠାଖାଇ ଘାଟିରେ ଟ୍ରଲେଟ୍ ଦୁର୍ଘଟଣାଗ୍ରସ୍ତ: ଅଳ୍ପକେ ବର୍ତ୍ତିଲେ ଚାଳକ



ଦଣ୍ଡପଲ୍ଲା,୦୭/୧୧ (ଆ.ପ୍ର) : ଖୋର୍ଦ୍ଧା-ବଲାଙ୍ଗୀର ୫୨ ନମ୍ବର ଜାତୀୟ ରାଜପଥର ଦଣ୍ଡପଲ୍ଲା ଥାନା ଅନ୍ତର୍ଗତ ଚାଳଗ ନିକଟସ୍ଥ ପିଠାଖାଇ ଘାଟିଠାରେ ସଡ଼କ ଦୁର୍ଘଟଣା ଏକ ନିତିଦିନିଆ ଘଟଣା ହୋଇଯାଇଛି । ଶୁକ୍ରବାର ସନ୍ଧ୍ୟା ସମୟରେ ଘାଟିର ପ୍ରଥମ ଚଢ଼ାଉଣିରେ ଟ୍ରଲେଟ୍ ଚାଳକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଚାଳକ ଅଳ୍ପକେ ବର୍ତି ଯାଇଛନ୍ତି । ସୂଚନା ଅନୁସାରେ, ଫୁଲବାଣୀ ଅଂଚଳର ଉଦ୍ୟାନଜାତ ଉଥ ନାମକ ଜଣେ ଯୁବକ ନିଜ ଟ୍ରଲେଟ୍ ଯୋଗେ ଦଣ୍ଡପଲ୍ଲାରୁ ଫୁଲବାଣୀ ଅଭିମୁଖେ ଯେଉଁଥିଲେ । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ପିଠାଖାଇ ଘାଟିର ପ୍ରଥମ ଚଢ଼ାଉଣି ନିକଟରେ ବାଇକଟି ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାର୍ଶ୍ୱ ଖାଲ ଓ ଜଡି ଭିତରକୁ ପଶି ଯାଇଥିଲା । ପଥର ସହ ଧକ୍କା ହେବାରୁ ଚାଳକର ଆଗ ପାର୍ଶ୍ୱ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି । ଦୁର୍ଘଟଣାରେ ଶ୍ରୀ ଉଥ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଓ ବଣପୋଲ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏହି ଘାଟି ରାସ୍ତାରେ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଥିବାରୁ ଏଥି ଏକ ଦିପଜନକ 'ବ୍ଲାକ୍ ସ୍ପଟ୍' ପାଲଟିଛି । ଜାଳପଥ କର୍ତ୍ତୃପକ୍ଷ ତଥା ସ୍ଥାନୀୟ ପ୍ରଶାସନ ତରଫରୁ ଏହି ଦୁର୍ଘଟଣା ପ୍ରବଣ ଅଂଚଳ ଓ ଘୁମାଣିଆ ଘୁଲାଣିଘୁଡ଼ିକରେ ଉପଯୁକ୍ତ ସତର୍କତା ସଙ୍କେତ ପଟ୍ଟଳ, ସ୍ପିଡ୍ ବ୍ରେକର ଏବଂ ଗାଡ଼ିଚାଳନ ରେଡିୟମ୍ ସ୍ଟିପ୍ ଲଗାଇବା ପାଇଁ ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀମାନେ ଜୋରଦାର ଦାବି କରିଛନ୍ତି ।

ବାଲିଗୁଡ଼ାରେ 'ଥିଲେ ଦିଅ, ନଥିଲେ ନିଅ' କାର୍ଯ୍ୟକ୍ରମ ବସ୍ତ୍ରଦାନ ଓ ସହଯୋଗର ନିଆରା ପ୍ରୟାସ



ବାଲିଗୁଡ଼ା, ୦୭/୧୧ (ଆ.ପ୍ର) : ସାମାଜିକ ସେବା ଓ ମାନବିକତାର ଏକ ନିଆରା ଉଦାହରଣ ସୃଷ୍ଟି କରିଛି ସିନିୟର ଏଜୁ ହେଲପ୍ ଜେୟାର ଆସୋସିଏସନ, ବାଲିଗୁଡ଼ା । ଆସୋସିଏସନ ପକ୍ଷରୁ ବାଲିଗୁଡ଼ାର ତ୍ରିବେଣୀ ପାର୍କ ନିକଟରେ 'ଥିଲେ ଦିଅ, ନଥିଲେ ନିଅ' ଶୀର୍ଷକ ଏକ

ସମ୍ପାଦକୀୟ
ଆରମ୍ଭ
SEITHO ARAMBHA
ରବିବାର, ୮ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩





୫.୫୦ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ମିରିଗିମୁଣ୍ଡି–ଓଲାଡ଼ି ଘାଟ ରାସ୍ତାର ଉନ୍ନତିକରଣ ଆରମ୍ଭ



ବାଲେଶ୍ୱର, ୦୭/୧୧ (ଆ.ପ୍ର) : ବାଲେଶ୍ୱର ସଦର ନି ର୍ବା ଚ ନ ମ ଣ୍ଡ ଳୀ ର ସ୍ତ୍ରୀମଂଚଳବାସୀଙ୍କ ଦୀର୍ଘଦିନର ଘାଟି ଓ ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି । ୫ କୋଟି ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ଏନ୍‌ଏଚ୍‌-୬୦ର ମିରିଗିମୁଣ୍ଡିଠାରୁ ହୁଡା ଦେଇ ଓଲାଡ଼ି ଘାଟ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ହେବାକୁ ଯାଉଛି । ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପର ଭିତ୍ତିପ୍ରସ୍ତର ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଡଙ୍ଗ ସ୍ଥାପନ କରିଛନ୍ତି । ଗ୍ରାମ୍ୟ ଜନ୍ୟୁୟନ ବିଭାଗ ଅଧୀନରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ରାସ୍ତାର ଉନ୍ନତିକରଣ ପାଇଁ ସ୍ଥାନୀୟ ଅଂଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ । ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବା ପରେ ମିରିଗିମୁଣ୍ଡି, ହୁଡା, ଓଲାଡ଼ି ଘାଟ ସମେତ ଆଖପାଖ ଅଂଚଳର ଲୋକମାନେ ଉପକୃତ ହେବେ । ବିଶେଷକରି ଛାତ୍ରଛାତ୍ରୀ, କୃଷକ, ବ୍ୟବସାୟୀ, ରୋଗୀ ଏବଂ ଦୈନନ୍ଦିନ ଯାତାୟାତ କରୁଥିବା ଲୋକଙ୍କ ଗମନାଗମନ ଅଧିକ ସୁଗମ ହେବ । ଏହି ଅବସରରେ ବିଧାୟକ ଶ୍ରୀ ଡଙ୍ଗ କହିଥିଲେ, "ଅଂଚଳବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାହା ଆଜି ବାସ୍ତବ ରୂପ ନେବାକୁ ଯାଉଛି । ଏହି ରାସ୍ତାର ଉନ୍ନତିକରଣ ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘଦିନର ଆଶା ଥିଲା । ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପର ଶିଳାପ୍ରସ୍ତର ସ୍ଥାପନ କରିବା ମୋ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ।" ସେ ଆହୁରି କହିଥିଲେ ଯେ, ଗ୍ରାମାଂଚଳର ସାମଗ୍ରିକ ବିକାଶ ପାଇଁ ଉନ୍ନତ ସଡ଼କ ଯୋଗାଯୋଗ ଅପରିହାର୍ଯ୍ୟ । ଏକ ଭଲ ରାସ୍ତା ଛେଚକ ଯାତାୟାତର ମାଧ୍ୟମ ନୁହେଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି ଓ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପର ବିକାଶରେ ମଧ୍ୟ ସହାୟକ ହୋଇଥାଏ । ଏହି ପ୍ରକଳ୍ପ ଦ୍ୱାରା ଗ୍ରାମାଂଚଳ ଓ ମୁଖ୍ୟ ସଡ଼କ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ । ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଅଂଚଳରେ ମୌଳିକ ଭିତ୍ତିଭୂମିର ବିକାଶ, ଉନ୍ନତ ଗମନାଗମନ ବ୍ୟବସ୍ଥା ଓ ଲୋକଙ୍କ ଜୀବନଯାତ୍ରାକୁ ସହଜ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରହିଥିବା ସେ ପ୍ରକାଶ କରିଥିଲେ । ଆୟୋଜିତ ଆଦଖାଲକାକୁ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପର ଶିଳାପ୍ରସ୍ତର ସ୍ଥାପନ କରିଥିବାରୁ ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଏଭଳି ବିକାଶମୂଳକ ପ୍ରକଳ୍ପକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶ ଯାଜୀ ଗିରିଶ ଚନ୍ଦ୍ର ମାରାଣ୍ଡି, ସ୍ଥାନୀୟ ଯାଜୀ ଉପେନ୍ଦ୍ର ଦେବେଙ୍କାର ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

କବାଡ଼ି ଟୁର୍ଣ୍ଣାମେଂଟ ଉଦଯାପିତ, ବାଲେଶ୍ୱର ଚମ୍ପିୟାନ

ଡାଲିଆପାଳ, ୦୭/୧୧ (ଆ.ପ୍ର) : ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଡାଲିଆପାଳ ବ୍ଲକ ଅଧୀନସ୍ଥ ନୂଆଗାଁ କଟଜାମହଲ ଦୁର୍ଗାପୂଜା କମିଟି ପକ୍ଷରୁ ଖେଳ ପଡିଆ ଠାରେ ୮ ଦିନ ଧରି କବାଡ଼ି ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ମଜ୍ଜଦାର ପାଇନାଲ ଖେଳରେ ରୋଗଡାର ଦଳକୁ ହରାଇ ବାଲେଶ୍ୱର ଦଳ ଚମ୍ପିୟାନ ହୋଇଥିବେଳେ ଖଲବଯାପନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବକ୍ତାର ବିଧାୟିକା ସୁକାନ୍ତିନୀ ଜେନା ଯୋଗ ଦେଇ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏଥିସହ ବିଧାୟିକା



ଶ୍ରୀମତୀ ଜେନା ମା'ଙ୍କ ନିକଟରେ ସମସ୍ତ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଖେଳକୁ ପରିଚାଳନା କରିଥିଲେ ରାଜୀବ ସାର, ସମ୍ବଳ ସାର ଏବଂ ଉଜ୍ଜଳ ସାର ଶ୍ର ଦୁର୍ଗାପୂଜା କମିଟି ସଭାପତି ଅନିଲ କୁମାର ଦେବନାଥ, ବରିଷ୍ଠ ସଦସ୍ୟ ଚନ୍ଦ୍ରଧର ଗିରି, ଅଞ୍ଜନ କୁମାର ଦେବନାଥ, ତପନ ପାତ୍ର, ରଞ୍ଜନ ବେହେରା, ପ୍ରଶାନ୍ତ ବିଶ୍ୱାଳ, ଲକ୍ଷ୍ମୀଧର ଗିରି, ବିଦ୍ୟାଧର ଦଳାଇ, ଫଟାନନ ଗିରି, ବଂଶୀଧର ଦଳାଇ, ଗାବଧର ଦଳାଇ, ପ୍ରଶାନ୍ତ ଦାସ ଏବଂ ଅନ୍ୟମାନେ କବାଡ଼ି ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ ।

ଜେଲକୁ ଗଲେ ଲାଂଟୁଆ ବାବୁଆଣୀ ମନୀଷା ମିଶ୍ର

ବାଲେଶ୍ୱର, ୦୭/୧୧ (ଆ.ପ୍ର) : ୨୦୨୪ରୁ ୫ ଥର ଏସ ପାଇ ଡାଲିଆପାଳ ସବଡେଭିଶ୍ୱାନ ଛାଡେ କାର୍ଯ୍ୟରତ ମନୀଷା ମିଶ୍ର ଏଡେ ଚଉଦ ଦିନ ପାଇଁ ଚାଲେଶ୍ୱର ଗାରାଗାରକୁ ଯାଇଛନ୍ତି । ଗତ ଶୁକ୍ରବାର ଏକ କରିବାକୁ ବାବୁଆଣୀ ଲାଂଟ ନେଉଥିବା ଦୁର୍ନୀତି ନିବାରଣ ମାନଙ୍କ ହାତରେ ବାବୁଆଣୀଙ୍କ ଜାଲିପାଦ



ଘାରସୁଦ୍ଧା ସ୍ଥିତ ଘର, ଭୁବନେଶ୍ୱର ରେ ଥିବା ପିତା ମାତାଙ୍କ ଭଡ଼ା ଘର ଓ ଅରଣ୍ଟାଙ୍କ ଘର ଉପରେ ଭିଜିଲାନ୍ସ ଏକ ଜାଳୁକ ଚଢ଼ାଉ କରିଥିଲେ ମଧ୍ୟ ସେଇଠି କିଛି ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇପାରି ନାହିଁ ବୋଲି ଭିଜିଲାନ୍ସ ଏସ ପି ଅରୁଣ କୁମାର ନାୟକ ଆଜି ନିଜ ପ୍ରତିକ୍ରିୟାରେ କହିଛନ୍ତି । ତେବେ ଏସ ପି ଶ୍ରୀ ନାୟକ ନିଜର ପ୍ରତିକ୍ରିୟା ଦେବା ବେଳେ ଲାଂଟୁଆ ଅଫିସରଙ୍କ ମାମା ଘରାଉଣ କରିବାକୁ ଅମଙ୍ଗ ହୋଇଥିଲେ । ତେବେ ଏମାମାଗୋ ଉଦ୍ଦ କରିବା ପରେ ଏସପି ଶ୍ରୀ ନାୟକ 'ଅଫ ଦ ରେକର୍ଡ' ଯାହା ଉଲ୍ଲେଖ କରିଥିଲେ ତାହା ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଦିପ୍ତିତ ଦେବାକୁ ବାଧ କରିଥିଲା ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାପାବଳୀ -୨୦୨୬ ପାଳିତ

ପାରଜାଙ୍ଗେମୁଣ୍ଡି, ୦୭/୧୧ (ଆ.ପ୍ର) : ଶନିବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପାରଜାଙ୍ଗେମୁଣ୍ଡି ପାରେ ବାପାବଦୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରଜାୟ ଦେବୀମାଦର ମନ୍ତ୍ରଣ ପୂଜ୍ୟଶ୍ରୀ ଗାମାନନ୍ଦ ଦାଶଙ୍କ ସରଜମାନରେ ବାପ ପ୍ରକ୍ଷଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟିର ଉପସଭାପତି ସାଙ୍କ୍ଷ କୁମାର ଜେନା ସ୍ଥାନୀୟ ଚନ୍ଦ୍ରଶେଖରଙ୍କ ପଞ୍ଚାୟତ ପ୍ରମୁଖ ଉପସ୍ଥିତ ରହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାବ୍ଦିକ ଛାତ୍ରଛାତ୍ରୀ ମାନେ ଦେଶଭକ୍ତି ତଥା ସମ୍ପୃକ୍ତ ବିଶ୍ୱବାସୀଙ୍କର ଶୁଭକାମନା ପ୍ରାୟ ୧୦୦୧ ବାପ ପ୍ରଜ୍ୱଳନ କରିଥିଲେ ।

ଆସନ୍ତା ସଡେଇଗି ତାରିଖ ଅଭାୟରଣ୍ୟର ସୀମା ନିର୍ଦ୍ଧାରଣ ପାଇଁ ଆଯୋଜନ ପାଇଁ ପ୍ରସ୍ତୁତି ବୈଠକ



ନାଳଗିରି, ୦୭/୧୧ (ଆ.ପ୍ର) : ଅକ୍ଟୋବର ବିପୁଳ ୧୧୦ ତମ ବର୍ଷ ପାଳନ ଅବସରରେ ରାଜରତ କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀ ନାଳଗିରି ଆଂଚଳିକ କମିଟି ପକ୍ଷରୁ ପାର୍ଟୀ କାର୍ଯ୍ୟାଳୟରେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି ଲାଲ ପତାକା ଉତୋଳନ କରିବା ସହିତ ଅକ୍ଟୋବର ବିପୁଳ ବିଷୟରେ ଆଲୋଚନା କରିଥିଲେ । ଏହା ପରେ ନାଳଗିରି ସ୍ଥିତ ସାଇ ଦରବାର କଲ୍ୟାଣ ମଣ୍ଡପ ଠାରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସି ପି ଆଇ (ଏମ)ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ସଭାପତିତ୍ୱ କରିଥିଲେ । ପ୍ରଥମେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି ଅକ୍ଟୋବର ବିପୁଳର ସାମ୍ବଳ ସୂଚନା ଦେବା ସହିତ ଉତଳ ଭାଜିନି ସରକାରର ଚରମ ଦିଫଜତା ସମ୍ପର୍କ ରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ଏ ସରକାରକୁ ଯଦି ପରିବର୍ତ୍ତନ କରା ନ ଯାଏ ତା ହେଲେ ଦେଶ ବିଚ୍ଛା ହୋଇ ଯିବ । କୁଇଡିସା ଅଭାୟରଣ୍ୟ ନାମ ରେ ସାଧାରଣ ଲୋକ ମାନଙ୍କୁ ସରକାର ହଇରାଣ କରୁ ଛନ୍ତି । ଏଥି ପାଇଁ ମାନ୍ୟବର ଜଙ୍ଗଲ୍ୟାଲୟ ଉତିଶାକ ଠାରେ ମୋଳଦମା ହୋଇଥିବା ସତ୍ତ୍ୱେ ପ୍ରଶାସନ କୌଣସି କର୍ଣ୍ଣ ପାତ କରୁନାହିଁ । ସେଥି ପାଇଁ ଆସନ୍ତା ଅକ୍ଟୋବର ସତେଇଶି ତାରିଖରୁ ଦିବାସାଜି ଓ ଜୀବନ ଜୀବିକା ସୁରକ୍ଷା ମଂଚ ତରଫରୁ ଉପଜିଲ୍ଲାପାଳ ମାଜରିଗିଜ ଜାଭିୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ ଦାଶ, ମନୋରଞ୍ଜନ ସାହୁ, ରାଜାରାମ ମାହାନ୍ତି, ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସୋଠା, ଅମରେନ୍ଦ୍ର ନାୟକ, ବିଦାକର ରାଉଳ, ଜିଶୋର ଚନ୍ଦ୍ର ପୁର୍ ପଂଚାୟତର ପୂର୍ବତନ ସରପଂଚ ରାଘୁନାଥ ସିଂ, କାଳିଆ ପାତ୍ର, ହେମେନ୍ଦ୍ର ସୋଠା, ମୃତ୍ୟୁଞ୍ଜୟ ନାୟକ, ଖାଲିନ୍ଦ୍ର ମିଶ୍ର, ଜମାକାନ୍ତ ଷଡଙ୍ଗୀ, ପ୍ରଦୀପ ମିଶ୍ର, ପ୍ରଦୀପ ଉପସ୍ଥିତ ରହି ଜବର ଜାଜିନି ସରକାର ର ଲୋକ ମାରଣ ନୀତି ବିରୁଦ୍ଧରେ ଆଲୋଚନା କରି ଥିଲେ । ଆସନ୍ତା ସତେଇଶି ତାରିଖରୁ ଘାରା ପୁରାଣ ଦେବା ପର୍ଯ୍ୟନ୍ତ ଧାରଣା ଜାରୀ ରହିବ ବୋଲି ସମସ୍ତ ସଭ୍ୟମାନଙ୍କୁ ସାଥି ବିଜୟ ପାତ୍ର ଆହ୍ୱାନ ଦେବା ସହିତ ଏହି ନାଳଗିରି ମାଟିରୁ ସଂଗ୍ରାମର ଉତ୍ତେଜ ଅଙ୍ଗୀ ଦେବ ବୋଲି କହିଥିଲେ ।

କୋଭିଡ୍ ମହାମାରୀର ଜୀବନ ଯନ୍ତ୍ରଣାର ମର୍ମସ୍ପର୍ଶୀ କାହାଣୀ 'ଚିତ୍ରଶାଳା' ଲୋକାର୍ପିତ ହେଲା ଡ. ଜାନକୀ ଜେନାଙ୍କ ଉପନ୍ୟାସ



ବାଲେଶ୍ୱର, ୦୭/୧୧ (ଆ.ପ୍ର) : ଓଡ଼ିଆ ରାଷ୍ଟ୍ର ବିକାଶ ଆନ୍ଦୋଳନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବରିଷ୍ଠ ଔପନ୍ୟାସିକା ଡ. ଜାନକୀ ଜେନାଙ୍କ ସଦ୍ୟ ପ୍ରକାଶିତ 'ଚିତ୍ରଶାଳା' ଲୋକାର୍ପିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ. ବୈଧ୍ୟରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ପ୍ରକାଶମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁଧୀର ଚନ୍ଦ୍ର ପାତ୍ର ଅନ୍ୟ ଅତିଥିମାନଙ୍କ ସହ ଉପନ୍ୟାସଟିକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ । ଏଥିସହ ଡ. ଜେନାଙ୍କ ସାରସ୍ୱତ ସାଧନା ଓ ସାହିତ୍ୟିକ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥିବର୍ଗ ଭାବେ ଯୋଗଦେଇ ବରିଷ୍ଠ ଉପବେଷ୍ଟା ଡ. ଶିଶୀର ବ୍ରତ ଜେନା ଓ ସୁସାହିତ୍ୟିକା ଅରୁଣା ରାୟ ଉପନ୍ୟାସର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ବିଶଦ ଆଲୋଚନା କରିଥିଲେ । ଲୋକିତ୍ ମହାମାରୀ ସମୟରେ ମଣିଷ ଜୀବନର ଯନ୍ତ୍ରଣା, ଗୋଗର ଜୟାବହତା ଏବଂ ମୃତ୍ୟୁର ବିଭୀଷିକାକୁ ଔପନ୍ୟାସିକା ଅତ୍ୟନ୍ତ ନିଖୁଣ ଓ ମର୍ମସ୍ପର୍ଶୀ ଭାବେ ତିହ୍ନଟ କରିଛନ୍ତି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଜୀବନର ଜାଜୁଣ୍ୟ ଯେତେବେଳେ ଉପନ୍ୟାସର ଶବ୍ଦ ଓ ଭାଷାରେ ରୂପାୟିତ ହୁଏ, ସେତେବେଳେ ତାହା ପାଠକଙ୍କୁ ଗଭୀର ଭାବେ ଆଘୋଳିତ କରେ ବୋଲି ଦୁଇ ବକ୍ତା ମତ ପ୍ରକାଶ କରିଥିଲେ । ଏହି ଅବସରରେ ଔପନ୍ୟାସିକା ଡ. ଜାନକୀ ଜେନା ନିଜର ଦୀର୍ଘ ସାହିତ୍ୟିକ ଜୀବନର ଅନୁଭୂତି ବଖାଣିବା ସହ ଉପନ୍ୟାସଟି ପ୍ରକାଶ କରିଥିବା ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମରେ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଂଚ ଆଦାହନ କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । କ୍ଷେତ୍ରରେ ଔପନ୍ୟାସିକାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାରସ୍ୱତ ସମାଗୋହରେ ନିବାରଣ ଜେନା, ସୁରେନ୍ଦ୍ର ସ୍ୱାଇଁ, ଅମରେଶ ଚନ୍ଦ୍ର ପୁହାଣ, ଡ. ଲକ୍ଷ୍ମଣ ବିଶ୍ୱାଳ, କରୁଣାକର ସା, ତପନ ରାୟ, ଜମିଳା ନାୟକ, ଡ. ରମେଶ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ଦାସ, ବଦ୍ରିରେଖା ପଟି, ବୈରବୀ ପ୍ରଧାନ, ଜୁଲନାର ଡବସୁମ, ଡ. ହେମାମାଳା ଦାଶ, ସୁପ୍ରଭା ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ଇୟୋଦର ନାୟକ, ବିଜୟ କୁମାର ମହାନ୍ତି, ତପନ କୁମାର ପଣ୍ଡା, ହିମାଂଶୁ ଶେଖର ଦାସ, ଦେବାଶିଷ ସିଂହ, ଚାରାଳାନାଥ ମହାନ୍ତି, ସୁଚରିତା ମହାନ୍ତି, ସୁତ୍ରତା ମହାନ୍ତି, ଅଞ୍ଜନ କୁମାର ମହାନ୍ତି, ଶାନ୍ତି ବିଶି, ଅବନ୍ତୀ ପ୍ରଧାନ, ନିରଞ୍ଜନ ରାଉତ, କୃଷ୍ଣା ପ୍ରଧାନ, ମୌସୁମୀ ଦାସ ପଟ୍ଟନାୟକ, ଅଞ୍ଜଳି ପଣ୍ଡା, ଜ୍ୟୋତ୍ସ୍ନା ରାୟ, ପଦ୍ମଲୋଚନ ବଡ଼, ପ୍ରଦୀପ୍ତ କୁମାର ଦାସ, ବିଜୁ ପଟ୍ଟନାୟକ, ଡ. କ୍ଷିତୀଶ୍ୱର ଦାଶ ଓ ଖ୍ୟାତନାୟା ଜରଙ୍କ ସମେତ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଓ ଜୀବନଜୀବିକାର ସଫଳତା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବୃତିଗତ ପରାମର୍ଶ କାର୍ଯ୍ୟକ୍ରମ



ନାଳଗିରି, ୦୭/୧୧ (ଆ.ପ୍ର) : ଛାତ୍ରଛାତ୍ରୀଙ୍କୁ ନିଜ ରୁଚି ଓ ଦକ୍ଷତା ଅନୁଯାୟୀ ଜୀବନଜୀବିକାର ଲକ୍ଷ୍ୟ ନିର୍ଦ୍ଧାରଣ, ବୃତିଗତ ଦକ୍ଷତା ବୃଦ୍ଧି ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷିଶ୍ରୀ ସଶକ୍ତୀକରଣ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଜୀବନଜୀବିକା ତଥା ବୃତିଗତ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କୁଳପତି ପ୍ରଫେସର ସତ୍ୟେନ୍ଦ୍ର କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ସଂଯୋଜିକା ଡ. ପ୍ରତିମା ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ନିଜ କାର୍ଯ୍ୟରେ କୁଳପତି ପ୍ରଫେସର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଜୀବନଜୀବିକା ସମ୍ପର୍କିତ ସଚେତନତା, ଦକ୍ଷତା ବିକାଶ ଓ ଆତ୍ମବିଶ୍ୱାସର ଗୁରୁତ୍ୱକୁ ବୁଝିବାର ପରାମର୍ଶ ପ୍ରଦାନ କରିଥିଲେ । ନିଜ ଜିତରେ ଥିବା ସାମ୍ଭବନାକୁ ଚିହ୍ନିବା ସହ ବର୍ତମାନ ସମୟୋପଯୋଗୀ ଓ ନୂତନ କର୍ମକ୍ଷେତ୍ରର ସୁଯୋଗକୁ ଉପଯୋଗ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିସହ ସମାଲ ବିଜ୍ଞାନ ବିଭାଗ ମୁଖ୍ୟ ଡ଼ କୁର ଗାଡାଞ୍ଜଳି ପଣ୍ଡା ଯୋଗଦେଇ- ନିଜ ରୁଚି, ସାମର୍ଥ୍ୟ ଓ ଆକାଂକ୍ଷାକୁ ଚିହ୍ନି ଉପଯୁକ୍ତ ସମୟରେ ଜୀବନଜୀବିକା ଚୟନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସଚିବ୍ ପରାମର୍ଶ, ଆତ୍ମମୂଲ୍ୟାୟନ, ବୃତିଗତ ଯୋଜନା ଓ ନିରନ୍ତର ଦକ୍ଷତା ବିକାଶ ଦୀର୍ଘକାଳୀନ ବୃତିଗତ ସଫଳତାର ମୂଳମନ୍ତ୍ର ବୋଲି ସେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ତୃତୀୟ ବିଶେଷଜ୍ଞ ଅଧିବେଶନ ଆୟୋଜିତ ହୋଇଥିଲା । ପ୍ରଥମ ଅଧିବେଶନରେ ଶିକ୍ଷାଳ ଶେଖର ଗତ୍ପାୟକ ସ୍ୱପ୍ନର ଚିତ୍ରପଟ ପ୍ରସ୍ତୁତି ଓ ଜୀବନଜୀବିକା ପରାମର୍ଶ ' ବିଷୟରେ ଆଲୋଚନା କରିଥିଲେ । ନିଜର ଭବିଷ୍ୟତ ଲକ୍ଷ୍ୟ ଚିହ୍ନଟ କରିବା, ତାତ୍ତ୍ୱସଙ୍ଗତ ଲକ୍ଷ୍ୟ ଧାର୍ଯ୍ୟ କରିବା ଏବଂ ଏଥିରେ ପହଞ୍ଚିବା ପାଇଁ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଡ଼କ୍ଟର ଆକାଶ ମଲ୍ଲିକ ଜୀବନବୃତ୍ତାନ୍ତ ପ୍ରସ୍ତୁତି ଓ ସାକ୍ଷାତକାରର ସଜ୍ଞାନ ଦେବାର କଳା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଏକ ପ୍ରଭାବଶାଳୀ ଜୀବନବୃତ୍ତାନ୍ତ ପ୍ରସ୍ତୁତି, ନିଜର ଦକ୍ଷତା ଓ ଅଭିଜ୍ଞତାକୁ ଉପଯୁକ୍ତ ଭାବେ ଉପସ୍ଥାପନ ଏବଂ ନିଯୁକ୍ତି ସାକ୍ଷାତକାରରେ ଆତ୍ମବିଶ୍ୱାସର ସହ ଜାଗନେବା ସମ୍ପର୍କରେ ସେ ବ୍ୟବହାରିକ ପରାମର୍ଶ ଦେଇଥିଲେ । ଏଥାପରେ ଆୟୋଜିତ ପ୍ରଶ୍ନୋତର ଅଧିବେଶନରେ ଛାତ୍ରଛାତ୍ରୀମାନେ ନିଜର ଜୀବନଜୀବିକା ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତର ପାଇବା ସହ ପିଧାବଦ୍ଧ ଆଲୋଚନା କରିଥିଲେ । ଶିକ୍ଷିଶ୍ରୀ କେନ୍ଦ୍ରର ଛାତ୍ରୀ ସଦସ୍ୟା ଜାଜେଶ୍ୱରୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଶିକ୍ଷିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ସହ-ସଂଯୋଜିକା ସଞ୍ଚାଳିକା ଅଧ୍ୟାପିକା ବଦ୍ରିରେଖା ରାଉତ ଧନ୍ୟବାଦ ଅ

ସମ୍ବାଦ
ଆରମ୍ଭ
SEITHO ARAMBHA
ରବିବାର, ୮ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଗୋ-ସୁରକ୍ଷା

ଯୁଗେ ଯୁଗେ ଗୋ-ସମ୍ପଦକୁ ପୂଜା କରାଯାଇ ଆସୁଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ ଗୋ-ସମ୍ପଦ ସହ ନିବିଡ଼ ସମ୍ପର୍କ ରହିଛି । ସେହିପରି ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀରେ ମଧ୍ୟ ଗୋ-ପୂଜନ ପରମ୍ପରା ରହିଛି । ଲୋକେ ଗୋ-ମାତାଙ୍କୁ ମାଆ ବୋଲି ସମ୍ବୋଧନ କରିଥାନ୍ତି । ଗୋ-ରସ ପାନ କରିବା ଦ୍ୱାରା ଆମ ଶରୀରରେ ଶକ୍ତି ବଢ଼ିଥାଏ । କ୍ଷୀର, ସର, ଲହଣୀ, ଦହି, ଘିଅ ଇତି ଅନେକ ସୁସ୍ୱାଦୁ ବ୍ୟଞ୍ଜନ ଗୋ-ମାତାଙ୍କଠାରୁ ଉତ୍ପାଦନ କରାଯାଏ । ଭାରତୀୟ ପରମ୍ପରାରେ ଗୋ ସମ୍ପଦର ସ୍ୱତନ୍ତ୍ରତା ରହିଛି । ପ୍ରତ୍ୟେକ ଦେବାଦେବୀଙ୍କ ମନ୍ଦିରରେ ଗୋ-ପୂଜନ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଭୂମିକୁ କର୍ଷଣ କରିବା ପାଇଁ ହଳ ଲଙ୍ଗଳରେ ଗୋ-ସମ୍ପଦକୁ ବ୍ୟବହାର କରାଯାଏ । ସେହିପରି ଗୋବରକୁ ମଧ୍ୟ ବିଭିନ୍ନ ରାସାୟନିକ ସାର ଓ ଇନ୍ଧନ ଗ୍ୟାସ୍ ରୂପେ ବ୍ୟବହାର କରାଯାଏ । ତେବେ ମଣିଷ ସମାଜକୁ ପ୍ରତି କ୍ଷେତ୍ରରେ ସହାୟତା କରୁଥିବା ଏହି ଗୋ-ସମ୍ପଦ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ପୂର୍ବରୁ ଲୋକେ ଘରେ ଘରେ ଗୋଗୁ ଗାଈ ରଖୁଥିଲେ । ନିଜ ଘରର ସଦସ୍ୟ ଭଳି ଗୋଗୁଗାଈଙ୍କ ଯତ୍ନ ନେଉଥିଲେ । ଗୋଗୁଗାଈକୁ ଗୋଗ ବାରୁଣୁ ରକ୍ଷା କରିବା ପାଇଁ ବିଭିନ୍ନ ଡାକ୍ତରୀ ପରାମର୍ଶ ନେଉଥିଲେ । ଗୋଗୁଗାଈଙ୍କ ପାଇଁ ଗୋ-ଖାଦ୍ୟ ସଂଗ୍ରହ କରୁଥିଲେ । ଗୋଗୁ ଗାଈଙ୍କ ପାଇଁ ବ୍ୟାପକ ଚାରଣ ଭୂମି ଥିଲା । ହେଲେ ବର୍ତ୍ତମାନ ସମୟରେ ଗୋଗୁଗାଈ ପାଳନ କରିବା ପାଇଁ ଅନେକ ଲୋକ ପସନ୍ଦ କରୁନାହାଁନ୍ତି । ଗୋ-ସମ୍ପଦ ଆଜି ବିପଦରେ । ଦିନକୁ ଦିନ ଗୋ-ସମ୍ପଦର ଚୋରା ଚାଲାଣ ଓ ବେଆଇନ କାରବାର ବଢ଼ିବାରେ ଲାଗିଛି । ଓଡ଼ିଶାର ବିଭିନ୍ନ ଜାତୀୟ ରାଜପଥ ଦେଇ ପଡ଼ୋଶୀ ଜିଲ୍ଲାମାନଙ୍କୁ ବେଆଇନ ଗୋ-ଚାଲାଣ ଜରାଯାଉଛି । ରାତ୍ରି ସମୟରେ ପିକ୍‌ଅପ୍, ଟ୍ରକ୍ ଯୋଗେ ହେଉଛି ଗୋ-ଚାଲାଣ । ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼କୁ ବିଭିନ୍ନ ସମୟରେ ବେଧଡ଼କ ଗୋ-ଚାଲାଣ ହେଉଛି । ବାହାର ରାଜ୍ୟର ଦଲାଲମାନେ ଗୋବୁଗାଈକୁ ନଦୀ ପାର କରି ନେଉଛନ୍ତି । ବିଭିନ୍ନ କଂସେର ଖାନାକୁ ଏହି ଗୋବୁଗାଈକ ନିଆଯାଉଛି । ଗୋ-ଚାଲାଣ କରିବା ପାଇଁ ଦଲାଲମାନେ ଆପଣେଇ ନେଉଛନ୍ତି ବିଭିନ୍ନ ତରିକା । ସେମାନେ ରାତିର ଅନ୍ଧାରରେ ଗୋବୁଗାଈମାନଙ୍କ ଶବ୍ଦ ଶବ୍ଦ କିଲୋମିଟର ଚଲେଇ ଚଲେଇ ନେଉଛନ୍ତି । ଦଲାଲମାନେ ଗୋ-ଚାଲାଣ ବେଳେ ପ୍ରଶାସନିକ ଅଧିକାରୀଙ୍କୁ ଉତ୍ତରଜାହାନ୍ତି । କିଛି କିଛି ସ୍ଥାନରେ ଦଲାଲମାନେ ମାତ୍ତୁଜ୍ଞା ବେଳ ମଧ୍ୟ ଖସି ଯାଉଛନ୍ତି । ବିଧି ଓ ପରମ୍ପରା ଅନୁଯାୟୀ ଗୋ-ପୂଜନ କାର୍ଯ୍ୟ ହୋଇଥାଏ । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏହି ପୂଜା ପରମ୍ପରା ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଓଡ଼ିଶାରେ ମଧ୍ୟ ଗୋ-ପୂଜନ ପରମ୍ପରା ରହିଛି । ଗାଈଗୁସ୍ତୀମା ଦିନ ସ୍ୱତନ୍ତ୍ର ଭାବେ ଗୋ-ପୂଜନ କରାଯାଏ । ଗୋବୁ ଗାଈଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପକ୍ଷରୁ ଗୋ-ଶାଳମାନ ନିର୍ମାଣ କରାଯାଇଛି । ଯେଉଁଠାରେ ପୂଜା ଗୋଗୁଗାଈଙ୍କୁ ରଖି ଯତ୍ନ ନେବାର ବ୍ୟବସ୍ଥା ରହିଛି । ସେଠାକୁ ନିର୍ଦ୍ଦିଷ୍ଟ ହେଉଥିବା ଗୋବରକୁ ମଧ୍ୟ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥାଏ । ଆମ ରାଜ୍ୟରେ ଗୋ-ହତ୍ୟା ନିରୋଧ ଆଇନ ପୂର୍ବରୁ ରହିଛି । ଏହା ଟ୍ରିଟିଶ୍ ଶାସନ ସମୟରୁ ପ୍ରଚଳିତ । ତେବେ ଏଥିରେ ଯେଉଁ ଦଣ୍ଡ ବ୍ୟବସ୍ଥା ରହିଛି ତାହା ବର୍ତ୍ତମାନ ସମୟରେ ଅନୁପଯୋଗୀ । ଗୋ-ଚାଲାଣ, ଗୋ-ହତ୍ୟା, କୃତ୍ରିମ ପ୍ରଜନନ ଓ ଗୋ-ବଂଶନାଶକ ପ୍ରତି ହେଉଥିବା ଅତ୍ୟାଚାର ବନ୍ଦ୍ଧପିଣ୍ଡକୁ ଏହି ଆଇନ୍ ପ୍ରଣୟନ କରାଯାଇଛି । ଖୋଲା ବଜାରରେ, ସହର ମାନଙ୍କରେ, ବଡ଼ ବଡ଼ ହୋଟେଲ ରେଷ୍ତୁରାଣ୍ଟମାନଙ୍କରେ ମଧ୍ୟ ଗୋମାଂସ ଗୋମାଂସ ହୋଇ ବିତରଣ ହେଉଛି । ସହର ତଥା ଗ୍ରାମାଞ୍ଚଳର ବହୁ ବସ୍ତିରେ ଧର୍ମନାମରେ ଅଣ୍ଡିଦୁମାନେ ଗୋ-ହତ୍ୟା କରି ଅଧର୍ମ କରିଚାଲିଛନ୍ତି ।

ଲିଭର ପାଇଁ କ୍ଷତିକାରକ ସୁଗାର ଫ୍ରି !!

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଆଜିକାଲି ଡଇବ ବୃଦ୍ଧି, ମଧୁମେହ ଏବଂ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକାଂଶ ଲୋକ ସୁଗାର ଫ୍ରି ଏବଂ ଜମ ଜ୍ୟାଇଁଯୁକ୍ତ ଖାଦ୍ୟ ଖାଉଛନ୍ତି । ସେହିପରି ଚା' ଏବଂ କଫିରେ ବି ଲୋକେ ଚିନି ବଦଳରେ ସୁଗାର ଫ୍ରି ବ୍ୟବହାର କରୁଛନ୍ତି । କେବଳ ସେତିକି ନୁହେଁ, ସୁଗାର ଫ୍ରି ବଜାରେ, ମିଠାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ଖାଉଛନ୍ତି । ଏଥିରେ ବ୍ୟବହାର ହେଉଥିବା ସର୍ବବେଟାଲ, ସୁକ୍ରାଲୋଜ, ଆସ୍ପେମ୍ ସାଧାରଣତଃ ଚିନିଠାରୁ ଉତମ ବିକଳ୍ପ ବୋଲି କୁହାଯାଏ । ଏବେ ଏକ ନୂତନ ଉଦ୍ଭେଷଣୀ ଅନୁଯୋଗେ , ସର୍ବବେଟାଲ, ଯାହାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ବ୍ୟବହାର କରୁଛନ୍ତି, ଏହା ଶରୀର ମଧ୍ୟକୁ ଯାଇ ପୁକ୍ସଟୋଜ ଭଳି କାମ କରିଥାଏ । ପୁକ୍ସଟୋଜ ଲିଭରକୁ କ୍ଷତି ପହଂଚାଇବା, ଫ୍ୟାଟି ଲିଭର, ପେଟ ଚର୍ବି ବୃଦ୍ଧି ଭଳି ସମସ୍ୟା ସହିତ ଜଡ଼ିତ । କେବଳ ସେତିକି ନୁହେଁ, ଏହା ଶରୀର ବିଭରକୁ ଯାଇ ହାଇ ସୁଗାର ତାଏଟ ଭଳି କ୍ଷତି କରିଥାଏ ।

ନିକଟରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍'ର ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ସର୍ବବେଟାଲ ଶରୀର ଭିତରେ ପ୍ରାୟ ପୁକଟୋଜ ଭଳି ପ୍ରଭାବ ପକାଏ । ସେତେବେଳେ ଲିଭରରେ ଅଧିକ ପରିମାଣରେ ପୁକଟୋଜକୁ ତିଆରି ହୁଏ ତାହା ଜର୍ଜିତ କୋଷ ତିଆରି କରିବାରେ ସାହାଯ୍ୟ କରେ । ତା'ସହ ପୁକଟୋଜକୁ ଫ୍ୟାଟି ଲିଭର ରୋଗ ମୁଖ୍ୟ କାରଣ ବୋଲି କୁହାଯାଏ । ଏହା ସାରା ବିଶ୍ୱର ୩୦ ପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ପ୍ରଭାବିତ କରିଥାରେ । ସର୍ବବେଟାଲ ମଧ୍ୟ ଲିଭରରେ ପହଂଚି ପୁକଟୋଜ ଭଳି ସମସ୍ୟା ସୃଷ୍ଟି କରିଥାଏ ବୋଲି ଏହି ଅଧ୍ୟୟନ ତେଡାଇ ଦେଇଛି । ସର୍ବବେଟାଲ ପୁକଟୋଜରେ ପରିବର୍ତ୍ତନ ହେଲେ ଏହା ସିଧା ଲିଭରରେ ପହଂଚି ନକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଚର୍ବି ଜମା ହେବା, ମେଟାବଲିଜିମ୍ ଉପରେ ପ୍ରଭାବ ପକାଇଥା ଏବଂ ଗର୍ଭ ଶର୍ଟରାକୁ ନିୟନ୍ତ୍ରଣ କରିବା ଭଳି ସମସ୍ୟା ସୃଷ୍ଟି କରିଥାଏ । ଅନେକ ଭାବନ୍ତି, ସର୍ବବେଟାଲ ଚିନିର ଏକ ସୁରକ୍ଷିତ ବିକଳ୍ପ । ପ୍ରକୃତ କଥା ହେଲା ଏହାକୁ ଅଧିକମାତ୍ରାରେ ସେବନ କରିବା ଦ୍ୱାରା ପୁକଟୋଜ ଭଳି ଶରୀରର କ୍ଷତି କରିପାରେ । ଏଣୁ ଏହାକୁ କିଛି ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା ଉଚିତ । ଅନ୍ୟପକ୍ଷରେ ସୁଗାର ଫ୍ରି ଚୁଇଙ୍ଗମ, କ୍ୟାଣ୍ଡି, ପ୍ରୋଟିନ ବାର ଭଳି ବହୁତ ଅଧିକ ସୁଗାର ଫ୍ରି ଖାଦ୍ୟ ଖାଇବା ଭଲ ନୁହେଁ । ଜାଣଣ ଏଥିରେ ସର୍ବବେଟାଲ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଅନ୍ତଃନଳୀ ମଧ୍ୟ ପ୍ରଭାବିତ ହୁଏ । ସେହିପରି ଅଧିକ କାର୍ବୋହାଇଡ୍ରେଟ୍ ବିଶିଷ୍ଟ ଖାଦ୍ୟରେ ଗ୍ଲୁକୋଜ ଅନ୍ତଃନଳୀରେ ସର୍ବବେଟାଲରେ ପରିଣତ ହୋଇଥାଏ । ଏହାଦ୍ୱାରା ଶରୀରରେ ସର୍ବବେଟାଲ ପରିମାଣ ବଢ଼େ । ଏହା ଶରୀର ଲାଗି କ୍ଷତିକାରକ ହୋଇଥାଏ ।

ପ୍ରତିଜଡ଼ିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ଲିଭର ବିଭାଗ, ଶ୍ରୀ ଜୟଦେବ ଗେଡ଼ିକାଲ କଲେଜ, ଟଟକ, ଦୂରଭାଷ : ୯୪୩୭୦୫୧୯୫୭

'ଶୁଭମ୍ କରୋତି କଲ୍ୟାଣମ୍, ଆରୋଗ୍ୟ ଧନ ସମ୍ପାଦାମ୍ । ଶତ୍ରୁବୃଦ୍ଧି ବିନାଶାୟ, ଦୀପଂ ଜ୍ୟୋତିଃ ନମସ୍ତୁତେ । ।'

॥ ଡକ୍ଟର ସୁରେଶ କୁମାର ନାୟକ ॥

ଆମର ମହାନ ଭାରତୀୟ ପରମ୍ପରାରେ ଏକ ଆଦ୍ୟ ଉଦଘୋଷଣ ରହିଛି - 'ଶୁଭମ୍ କରୋତି କଲ୍ୟାଣମ୍, ଆରୋଗ୍ୟ ଧନ ସମ୍ପାଦାମ୍ । ଶତ୍ରୁବୃଦ୍ଧି ବିନାଶାୟ, ଦୀପଂ ଜ୍ୟୋତିଃ ନମସ୍ତୁତେ । ।' ପ୍ରତିଦିନ ପ୍ରଦୀପ ପ୍ରଜ୍ୱଳନ ଆମେ ଦେଖୁଥାଉ । ଏହି ଦୀପ ଶିଖା ଜଳିବା ଭିତରେ ଅନ୍ଧାରର ବିନାଶ କରିଥାଏ ଏହା ସହ ଅନେକ ମାଙ୍ଗଳିକ ମାନସିକକୁ ପୂଜାମାନ କରିଥାଏ । ଦୀପ ପ୍ରଜ୍ୱଳନ ବା ଦୀପୋତ୍ସର୍ଗର ପ୍ରାଧାନ୍ୟ ହିଁ ଦୀପାବଳି ଉତ୍ସବର ସାର୍ଥକତା ବୋଲି ଏହା 'ଦୀପାନ୍ୱିତା' ନାମରେ ଆଖ୍ୟାୟିତ । ଭାରତୀୟ ଦେବିକ ବାଙ୍ମୟରେ ଅଗ୍ନିତତ୍ତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି । ଆମ ଇନ୍ଦୁ ମାନଙ୍କ ଠାକୁର ଘରେ, ତୁଳସୀ ତରାଗାମୂଳରେ ସଞ୍ଜଦୀପ ପ୍ରଦାନ କରାଯାଇଥାଏ ।

ରାତରର ଏହି ମହାପାର୍ବଣ ଦୀପାବଳି କେବଳ ହିନ୍ଦୁ ମାନଙ୍କର ପର୍ବ ତା ଉତ୍ସବ ନୁହେଁ । ବୌଦ୍ଧ, ଶିଖ, ଜୈନଧର୍ମାବଲମ୍ବୀ ସମସ୍ତେ ଏହି ପ୍ରଦୀପ ପ୍ରଜ୍ୱଳନ କରିଥାନ୍ତି । ସଂସ୍କୃତ ଭାଷାରେ ଦୀପକୁ 'ଦୀପମ୍' ବୋଲି କୁହାଯାଏ । ବେଦ ଠାରୁ ପୁରାଣ, ଉପନିଷେଦ ଠାରୁ ତନ୍ତ୍ର ସାଧନା ସବୁ ଗିରରେ ଦୀପାବଳି ଏକ ଜାତିକ ମାସରେ ପଡ଼ିଥାଏ । ସବୁଠାରୁ ସୁରଖାୟକ ଜଥାତି ହେଉଛି ଏହି ଦୀପାବଳି ପବିତ୍ର କାର୍ତ୍ତିକ ମାସରେ ପଡ଼ିଥାଏ । କାର୍ତ୍ତିକ ମାସର ଶ୍ରେଷ୍ଠତା ବିଷୟରେ ବୃହତ୍ ପୁରାଣରେ ଅଛି 'ନ କାର୍ତ୍ତିକ ସମୋ ମାସୋ ନ କୃତେନ ସମଃ ଯୁଗମ୍ । ନ ବେଦୈଃ ସଦୃଶଂ ଶାସ୍ତ୍ରଂ ନ ତୀର୍ଥଂ ଗଙ୍ଗୟା ସମମ୍ ।' ଏହି ପୁଣ୍ୟ କାର୍ତ୍ତିକ ମାସ ତମାମ ଭାରତ ଭୂମିରେ ଗାଁ ଠାରୁ ସହର, ତରରା ଠାରୁ ଦେବାଳୟ ଏବଂ ପୁଣ୍ୟ ପାବନ ଧାମ ଶ୍ରୀକ୍ଷେତ୍ରରେ ମଧ୍ୟ ସବୁଆଡ଼େ ଆମେ ଆକାଶ ଦୀପ ଦେଖୁଥାଉ । ଏହି ଦୀପ ଉତ୍ସର୍ଗ କରି ଆମେ ଆମ ସ୍ୱତ୍ତ ଜୀବନ ଦୀପକୁ ଗୁରୁ ତା ଇଗବାନଙ୍କ ନିକଟରେ ସମର୍ପଣ କରିଥାଉ । ଏହି ସମୟରେ ବୈଦିକ ମନ୍ତ୍ରର ସେହି ଧାଡ଼ି ଗୁଡ଼ିକ ଆମ କାନରେ ଗୁଞ୍ଜରିତ ହୋଇଥାଏ । 'ଅଗ୍ନି ଜ୍ୟୋତିଃ ରବି ଜ୍ୟୋତିଃ ସ୍ତୁ ଜ୍ୟୋତିଷଶ୍ଚୈତ ତା । ତତମ ସର୍ବଜ୍ୟୋତିଷାଃ ପ୍ରତି ଗୁଜ୍ୟତାମ୍ । ।' ଯାହାର ତାତ୍ପର୍ଯ୍ୟ ହେଉଛି ଅଗ୍ନି ଓ ଜ୍ୟୋତିଃ, ରବି ଓ ଜ୍ୟୋତିଃ, ଚନ୍ଦ୍ର ଓ ଜ୍ୟୋତିଃ, ଏସବୁର ଜ୍ୟୋତି ଉଦଘୋଷଣର ଯେଉଁ ତେତନା ତାହା ମୋତେ ପ୍ରାପ୍ତ ହେଉ ଏବଂ ଜଗତର କଲ୍ୟାଣ ହେଉ ।

ପ୍ରଦୀପ ଅଜ୍ଞାନ ତିମିର ଭିତରେ ଜ୍ଞାନଜ୍ୟୋତିକୁ ଉଦଘାଟିତ କରି ଆମ ଦେହ ଓ ମନରୁ ଅଜ୍ଞାନ ଅନ୍ଧକାରକୁ ନିଷ୍ପିୟ କରି ଆଲୋକିତ ଜୀବନ ତେତନାର ଶିକ୍ଷାମାନ ପ୍ରଦାନ କରୁ । ଦୀପ ସୃଷ୍ଟିର ମଧ୍ୟ ବିଭିନ୍ନ ପ୍ରକାରର ରହିଛି ସେଗୁଡ଼ିକ ହେଉଛି ମହାଦୀପ, କାର୍ତ୍ତିକ ଦୀପ, ଲୁବେର ଦୀପ, କାମାକ୍ଷୀ ଦୀପ, ଲକ୍ଷ୍ମୀ ଦୀପ, ଅଖଣ୍ଡ ଦୀପ, ବିଷ୍ଣୁ ଦୀପ, ଗାଜୀଦୀପ, ଦୁର୍ଗାଦୀପ, ଶିବ ଦୀପ ଓ ପୂଜା ଦୀପ । ଏହି ପ୍ରଦୀପ ଜଳାଇବା ସମୟରେ କେହି କେହି ଘିଅ ତା ତେଲ ବ୍ୟବହାର କରିଥାନ୍ତି । ଦୀପ ପ୍ରଜ୍ୱଳନ ପାଇଁ ଗୁଆ ଘିଅର ଦୀପ ସବୁଠାରୁ ଶ୍ରେଷ୍ଠ । ଏହା ଆମ ମାନଙ୍କର ଆଧ୍ୟାତ୍ମିକ, ମାନସିକ ଓ ଶାରୀରିକ ସହରାଥକୁ ନେଇଥାଏ । ସୋଗିଷ ତେଲର ଦୀପର ବିଶେଷତା ହେଉଛି ମୁଖ୍ୟତଃ ଶନି ଗ୍ରହ ଜନିତ ରିଷ୍ଟ ଏହା ଖଣ୍ଡନ କରିଥାଏ ଏବଂ ପରିବାରର ସମସ୍ତେ ଆରୋଗ୍ୟ ଜୀବନ ଅତିବାହିତ କରି ମୋଟ ଉପରେ ସମସ୍ତେ ମୁକ୍ତି ପାଇପାରିବେ । ସେହିପରି ପଂଚଦୀପ ତେଲ ସମସ୍ତେ ନକରାତ୍ମକ ଓ କୁତେଜଙ୍କୁ ସ୍ପୃଶ୍ଟ କରିଦିଏ । ଏହା ସହିତ ଗୃହକୁ ସୁସ୍ୱାସ୍ଥ୍ୟ, ସମ୍ପଦ, ସମୃଦ୍ଧି ଓ ପ୍ରସିଦ୍ଧି ସହ ଜ୍ଞାନ ଆଶିରେଇଥାଏ । ନଦିଆ ତେଲର ଦୀପ ଦ୍ୱାରା ଗଣେଶଙ୍କୁ ଆରାଧନା କରାଯାଏ । ପୂଜାରର ଜାଜୀରୀ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଚନ୍ଦ୍ର ଏହି ଦିନରେ ଅର୍ଥାତ୍ ଦୀପାବଳି ଦିନ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ତାଙ୍କୁ ସ୍ୱାଗତପୂର୍ବକ ଅଯୋଧ୍ୟାବାସୀ ମାଙ୍କର ଦୀପ ପ୍ରଜ୍ୱଳନ କରିଥିଲେ ସଂଯୋଗକୁ ସେ ଦିନଠି ଥିଲା ପବିତ୍ର କାର୍ତ୍ତିକ ଅମାବାସ୍ୟା । ଏବଂ ବ୍ୟତୀତ ଆମେ ଆଧ୍ୟାତ୍ମ ଜଗତୁରା ଶ୍ରୀମତ୍ ଭାଗବତ ପୁରାଣରେ ମଧ୍ୟ ଦୀପାବଳି ସମ୍ପର୍କରେ ଉଲ୍ଲେଖ ଅଛି । ଏହି ଦିନରେ ଜୈନଧର୍ମର ପ୍ରବର୍ତ୍ତକ ଜାଗବାନ ମହାବୀରଙ୍କ ମହାପ୍ରୟାଣ ହୋଇଥିବାରୁ ସେହି ଧର୍ମାବଲମ୍ବୀ ମାନଙ୍କ ପାଇଁ ମହାନିର୍ବାଣ ପୁରଣୀୟ ଦିବସ ଏବଂ ଜୈନ ଧର୍ମର ଶ୍ରଦ୍ଧାଳୁମାନେ ଏହି ଦିନରେ ନିଜ ଘରେ ପ୍ରଦୀପ ପ୍ରଜ୍ୱଳନ କରିଥାନ୍ତି । ସେହିପରି ଅନ୍ୟ ଏକ ତଥ୍ୟ ଅନୁଯାୟୀ ଶିଖ ଧର୍ମଗୁରୁ ରାମଦାସ୍‌ଜୀଙ୍କ ଏହି ଦୀପାବଳି ଅମାବାସ୍ୟାରେ ହିଁ ସନ୍ଥ୍ୟାସ ଧର୍ମ ନେଇଥିଲେ ଓ ଏହି ଦିବସରେ ମଧ୍ୟ ତାଙ୍କର ମହାପ୍ରୟାଣ ହୋଇଥିଲା । ସେହିପରି ଦୀପାବଳି ଦିନ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ପିରୋୟାନ ହୋଇଥିଲା । ମହାରାଷ୍ଟ୍ରରେ ଏହି ଦୀପାବଳି ଦିନ ବଳୀ ରାଜାଙ୍କ ପୂଜା କରାଯାଇ ଘରେ ଘରେ ପ୍ରଦୀପ ପ୍ରଜ୍ୱଳନ ହୋଇଥାଏ । ଦୀପାବଳି ବେଳେ ଏକ ଆଲୋକର ପାର୍ବଣ ନ ହୋଇ ଏହି ଉତ୍ସବର ରାତନା ଆମ ସମସ୍ତଙ୍କ ଭିତରେ ଜାଗରିତ ହେଉ ଏବଂ ପ୍ରଦୀପ, ଦୀପ ଶିଖାର ଅପୂର୍ବ ଶିଖା ଆମ ମାନଙ୍କ ଭିତରେ ମାନବୀୟ ମୂଲ୍ୟବୋଧ, ଶାନ୍ତି, ଆନନ୍ଦ ପ୍ରଦାନ କରୁ ଏହା ହିଁ ଜାମନା ।

ଅଧକ୍ଷ, ଏସେଟ୍ ଫଜିକ୍ସ ସ୍କୁଲ, ଫେକୁଚ-୯, ଜିଡିଏ, ଟଟକ, ଦୂରଭାଷ : ୯୪୩୭୨୨୫୫୯୨

ଆମ ଗ୍ରାମରେ ଶ୍ୟାମା କାଳୀ ପୂଜା

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

